# ଦେଶର ବିଭିନ୍ନ ଦେବପୀଠରେ 'ପରିକ୍ରମା' ନିମନ୍ତ୍ରଣ


ତ୍ରୟମ୍ବକେଶ୍ୱର ଜ୍ୟୋତିର୍ଲିଙ୍ଗ, ମହାରାଷ୍ଟ୍ର


ନାଗେଶ୍ୱର ଜ୍ୟୋତିର୍ଲିଙ୍ଗ, ଗୁଜରାଟ


ବାଙ୍ଗାଲୋର ଜଗନ୍ନାଥ ମନ୍ଦିର


ବାବା ବୈଦ୍ୟନାଥ ଧାମ, ଝାଡଖଣ୍ଡ


ମହାକାଳେଶ୍ୱର ଜ୍ୟୋତିର୍ଲିଙ୍ଗ, ମଧ୍ୟପ୍ରଦେଶ


ଶ୍ରୀକାଶୀ ବିଶ୍ୱନାଥ ମନ୍ଦିର, ବନାରସ


ଶ୍ରୀଦ୍ୱାରିକାଧୀଶ ମନ୍ଦିର, ଦ୍ୱାରିକା ଧାମ, ଗୁଜୁରାଟ


ଶ୍ରୀରଙ୍ଗନାଥସ୍ୱାମୀ ମନ୍ଦିର, ତାମିଲନାଡୁ


ଶ୍ରୀଶନେଶ୍ୱର ଦେବସ୍ଥାନ, ମହାରାଷ୍ଟ୍ର

# ୨ ଦୁର୍ଦ୍ଧାନ୍ତ ଅପରାଧୀଙ୍କୁ ଏନ୍‌କାଉଣ୍ଟର୍

## କାଲୁ ଭୋଳ ଗୁରୁତର

**ପୁରୀ,୨୮ ।୧୨(ସମିସ):** ନୂଆବର୍ଷ ପୂର୍ବରୁ ଆକ୍ସନ ମୋଡ୍‌ରେ ପୁରୀ ପୁଲିସ। ଗତ ୧୧ ତାରିଖରେ ଗିରଳ ଜଙ୍ଗଲରେ ଏନ୍‌କାଉଣ୍ଟର୍‌ରେ ଦୁର୍ଦ୍ଧାନ୍ତ ଅପରାଧୀ ସନ୍ତୋଷ ବାରିକ ଓରଫ୍ ସନ୍ତୁ ଆହତ ହୋଇଥିବା ବେଳେ ଗୁରୁବାର ପୁଣି ପୁଲିସ ବନ୍ଧୁକ ଗର୍ଜିଛି। ଏଥିରେ ଦୁର୍ଦ୍ଧାନ୍ତ ଅପରାଧୀ କାଲୁ ଭୋଳ ଆହତ ହୋଇଛି। ତା' ଗୋଡ଼ରେ ଗୁଳି ବାଜିଛି। କାଲୁଠାରୁ ଗୋଟିଏ ବନ୍ଧୁକ ଏବଂ ଗୋଟିଏ ରାଉଣ୍ଡ ଗୁଳି ଜବତ ହୋଇଛି। ପୂର୍ବରୁ ତା' ନାଁରେ ବିଭିନ୍ନ ଥାନାରେ ୧୮ ଟି ମାମଲା ରହିଛି। ପୁରୀ ସଦର ଥାନାରେ ୧୨ଟି, ଚନ୍ଦନପୁର ଥାନାରେ ୪ଟି ଏବଂ ବାସେଲିସାହି ଏବଂ ସତ୍ୟବାଦୀ ଥାନାରେ ଗୋଟିଏ ଲେଖାଏଁ ମାମଲା ଥିଲା ବୋଲି ଅତିରିକ୍ତ ଏସ୍‌ପି ବିଷ୍ଣୁପ୍ରସାଦ ପତି କହିଛନ୍ତି। ସେ ୨୦୧୯ରୁ ଅପରାଧିକ ଦୁନିଆରେ ପାଦ ଦେଇ ଲୁଟ୍, ରାହାଜାନୀ, ଡକାୟତି ଭଳି ସଙ୍ଗୀନ ମାମଲାରେ ଜଡ଼ିତ ଥିବା ପୁଲିସ୍ କହିଛି।

ପୁରୀ ସଦର ଥାନା ଅନ୍ତର୍ଗତ ବାଟଗାଁର କାଲୁ ଜଣେ ଦୁର୍ଦ୍ଧାନ୍ତ ଅପରାଧୀ। ତା' ନାଁରେ ପୁରୀର ବିଭିନ୍ନ ଥାନାରେ ୧୮ ଟି ମାମଲା ଥିବାବେଳେ ବିଭିନ୍ନ ପ୍ରକାର ଅପରାଧମୂଳକ ଘଟଣାରେ ସେ ଲିପ୍ତ ରହୁଥିଲା। ତେଣୁ କାଲୁକୁ ଖୋଜୁଥିଲା ପୁରୀ ପୁଲିସ। ଗୁରୁବାର ଅପରାହ୍ଣରେ ସେ ସୁଆଣ୍ଡୋ ଗାଁ ବ୍ରିଜ୍ ନିକଟ ସାଗରସ୍ନାନ ମେଳଣ ପଡ଼ିଆରେ ଥିବା ସତ୍ୟବାଦୀ ଥାନା ଆଇଆଇସି ବିଜୟକେତନ ବେହେରା ଖବର ପାଇଥିଲେ। ସେ ପୁରୀ ଏବଂ ଏହା ସଂଲଗ୍ନ ଅଞ୍ଚଳରେ ବଡ଼ଧରଣର ଅପରାଧ ଘଟାଇବାକୁ ଯୋଜନା ପ୍ରସ୍ତୁତ କରୁଥିଲା। ତେଣୁ ପୁଲିସ ଟିମ୍ ସହ ସତ୍ୟବାଦୀ ଆଇଆଇସି ଘଟଣାସ୍ଥଳକୁ ଯାଇଥିଲେ। ସେଠାରେ କାଲୁକୁ ଦେଖି ସତର୍କତାର ସହ ତାକୁ ଧରିବା ପାଇଁ ଅଗ୍ରସର ହେଉଥିବା ବେଳେ ସେ ଦୌଡ଼ିବା ଆରମ୍ଭ କରିଥିଲା। ପୁଲିସ ମଧ୍ୟ ତାକୁ ଧରିବା ପାଇଁ ଗୋଡ଼ାଇଥିଲା। ତେବେ ଧରାପଡ଼ିବା ଭୟରେ କାଲୁ ପ୍ରଥମେ ପୁଲିସ ଉପରକୁ ଗୁଳିଚାଳନା କରିଥିଲା। ଗୁଳିଟି ପୁଲିସ



- ଡାହଣ ଗୋଡ଼ରେ ବାଜିଛି ଗୁଳି; ହସ୍ପିଟାଲରେ ଭର୍ତ୍ତି
- ଗୋଟିଏ ବନ୍ଧୁକ, ଗୋଟିଏ ରାଉଣ୍ଡ ଗୁଳି ଜବତ

କର୍ମଚାରୀଙ୍କ ଅତି ପାଖ ଦେଇ ଚାଲିଯାଇଥିଲା। ତେଣୁ ପୁଲିସ କର୍ମଚାରୀଙ୍କ ଜୀବନ ରକ୍ଷା ପାଇଁ ଆଇଆଇସି ଶ୍ରୀ ବେହେରା କାଲୁ ଗୋଡ଼କୁ ଗୋଟିଏ ରାଉଣ୍ଡ ଗୁଳି ଚଳାଇଥିଲେ। ଗୁଳିଟି ତା' ଡାହଣ ଗୋଡ଼ରେ ବାଜିଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେ ତଳେ ପଡ଼ିଯାଇଥିଲା। ସଙ୍ଗେ ସଙ୍ଗେ ପୁଲିସ ତାକୁ ଉଦ୍ଧାର କରି ଚିକିତ୍ସା ପାଇଁ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା। ତେବେ ଏହି ଗୁଳି ବିନିମୟରେ ସତ୍ୟବାଦୀ ଥାନା ଏସ୍‌ଆଇ ଦୀପ୍ତିରଞ୍ଜନ ସାହୁ ମଧ୍ୟ ସାମାନ୍ୟ ଆହତ ହୋଇଛନ୍ତି। କାଲୁ ପୁରୀ ସହରର କୌଣସି ଏକ ଅଳଙ୍କାର ଦୋକାନରେ ଡକାୟତି ପାଇଁ ଯୋଜନା କରୁଥିବା ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

## ପୁଲିସ ଗୁଳିରେ ରଘୁ ଜଖମ୍

ଭୁବନେଶ୍ୱର, ୨୮ ।୧୨(ସମିସ): ନୂଆବର୍ଷ ପୂର୍ବରୁ ରାଜଧାନୀରେ ଏନ୍‌କାଉଣ୍ଟର୍। ମୋଷ୍ଟୱାଣ୍ଟେଡ୍ ରଘୁ ବିଶ୍ୱାଳକୁ କମିସନରେଟ୍ ପୁଲିସ୍ ଏନ୍‌କାଉଣ୍ଟର୍ କରିଛି। ରଘୁର ବାମ ଗୋଡ଼ରେ ଗୁଳି ବାଜିଛି। ଗୁରୁତର ଅବସ୍ଥାରେ ତାକୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ପରେ କଟକ ବଡ଼ ମେଡିକାଲକୁ

- ଖସିଗଲା ସହଯୋଗୀ ପୁନିଆ
- ବନ୍ଧୁକ, ଖୋକା ଓ ବାଇକ୍ ଜବତ
- ୧୫ଟି ମାମଲାରେ ରଘୁର ସମ୍ପୃକ୍ତି



ସ୍ଥାନାନ୍ତର କରାଯାଇଛି। ତା' ପାଖରୁ ଗୋଟିଏ ବାଇକ୍, ବନ୍ଧୁକ, ୫ ରାଉଣ୍ଡ ଖୋକା ଜବତ ହୋଇଛି। ଅପରପକ୍ଷେ, ଏହି ଏନ୍‌କାଉଣ୍ଟର୍‌ରେ ଘାଇଲା ହୋଇଥିବା ରଘୁର ସହଯୋଗୀ ପୁନିଆ ନାୟକ ଅନ୍ଧାରର ସୁଯୋଗ ନେଇ ଖସି ପଳାଇଛି। ତାକୁ ଧରିବା ଲାଗି ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଉଥିବା ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି।

ଗତ ରାତି ପ୍ରାୟ ୩ଟାରେ ବାଲିଯାତ୍ରା ପଡ଼ିଆ ଜରିପାଟଣା ରାସ୍ତାରେ ରଘୁ ଓ ତା' ସହଯୋଗୀ ପୁନିଆ ସନ୍ଦିଗ୍ଧ ଅବସ୍ଥାରେ ବୁଲୁଥିବା ଖବର ପାଇ ମଞ୍ଚେଶ୍ୱର ଥାନା ପୁଲିସ୍ ଓ ସ୍ପେଶାଲ ସ୍କ୍ୱାଡ୍ ପହଞ୍ଚିଥିଲା। ବାଇକ୍‌ରେ ଥିବା ରଘୁ ଓ ପୁନିଆ ସହ ପୁଲିସର ମୁହାଁମୁହିଁ ହୋଇଥିଲା। ପୁଲିସକୁ ଦେଖି ରଘୁ ଓ ପୁନିଆ ବାଇକ୍‌ରେ ନନ୍ଦନକାନନ ଆଡ଼େ ଖସିଯିବାକୁ ଉଦ୍ୟମ କରୁଥିଲେ। ପୁଲିସ୍ ପିଛା କରିବାରୁ ଖସିଯିବାର ବାଟ ବନ୍ଦ ହୋଇଯାଇଥିଲା। ପ୍ରଥମେ ପୁଲିସ ଉପରକୁ ରଘୁ ୫ରାଉଣ୍ଡ ଗୁଳି ଚଳାଇଥିଲା। ଆଉ ପାଲଟା ଜବାବ ଦେଇଥିଲା କମିସନରେଟ ପୁଲିସର ସ୍ପେଶାଲ ସ୍କ୍ୱାଡ୍। ପୁଲିସର ଗୁଳି ରଘୁର ବାମ ଗୋଡ଼ରେ ବାଜିବାରୁ ସେ ବାଇକ୍‌ରୁ ଖସି ପଡ଼ିଥିଲେ। କିନ୍ତୁ ପୁନିଆ ଅନ୍ଧାରର ସୁଯୋଗ ନେଇ ନଦୀପଠା ଦେଇ ଖସି ପଳାଇଥିଲା।

ରଘୁର ଘର ବାଲେଶ୍ୱର ଜିଲ୍ଲା ସୋରରେ। ଏଠାରେ ସେ ୟୁନିଟ୍-୩ ଶାନ୍ତିନଗରରେ ରହୁଥିଲା। ଚଳନ୍ତା ବାଇକ୍‌ରେ ଛିନ୍‌ତାଇ କରିବା ହେଉ ଅବା ବନ୍ଧୁକ ଦେଖାଇ ଡକାୟତି ଓ ରାହାଜାନୀ କରିବାରେ ବେଶ୍ ମାହିର୍ ଥିଲା ରଘୁ। ମର୍ଣ୍ଣିଂୱାକ୍ କରୁଥିବା ଏକୁଟିଆ ଲୋକଙ୍କୁ ଛିନ୍‌ତାଇ କରିବା ଲାଗି ସେ ଟାର୍ଗେଟ୍ କରୁଥିଲା। ସ୍ପୋର୍ଟସ୍ ବାଇକ୍‌ରେ ଆସି ଆଖି ପିଛୁଳାକେ ସୁନାଚେନ୍ ଝାମ୍ପି ଚମ୍ପଟ ମାରୁଥିଲା। ଘରେ ପଶି ବନ୍ଧୁକ ଦେଖାଇ ନିଜ ଗ୍ୟାଙ୍ଗ୍ ସହ ଡକାୟତି ବି କରୁଥିଲା।

କିଛି ଦିନ ତଳେ ବାଲିଅନ୍ତାର ଜଣେ ମହିଳାଙ୍କ ବେକରୁ ସୁନାଚେନ୍ ଝାମ୍ପିବା ବେଳେ ଚଳନ୍ତା ବାଇକ୍‌ରୁ ପଡ଼ି ମହିଳା ଗୁରୁତର ହୋଇଥିଲେ। ଏମିତି ଅନେକ ମାମଲାରେ କମିସନରେଟ୍ ପୁଲିସର ମୋଷ୍ଟୱାଣ୍ଟେଡ୍ ତାଲିକାରେ ରହିଥିଲା ରଘୁ। ତା' ନାଁରେ ୧୫ଟି ଆପରାଧିକ ମାମଲା ରହିଛି। ରଘୁ ହେଉଛି କୁଖ୍ୟାତ ଡକାୟତ ରବି ରାଓ ଗ୍ୟାଙ୍ଗର ସଦସ୍ୟ। ରବି ଏବେ ଗିରଫ ହୋଇ ଝାରପଡ଼ା ଜେଲ୍‌ରେ ରହିଛି।

■ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସମୀକ୍ଷା ବୈଠକ

## ପ୍ରାଥମିକତା ଭିତ୍ତିରେ ବିଦ୍ୟାଳୟ ତାଲିକା କରିବେ ବିଇଓ

**ଭୁବନେଶ୍ୱର, ୨୮ ।୧୨(ସମିସ):** ରାଜ୍ୟରେ ବିଭିନ୍ନ ପ୍ରାଥମିକ ବିଦ୍ୟାଳୟରେ ଖାଲି ପଡ଼ିଥିବା ଶିକ୍ଷକ ପଦ ପୂରଣ ଉପରେ ସରକାର ଗୁରୁତ୍ୱ ଦେଇଛନ୍ତି। ପ୍ରାଥମିକତା ଭିତ୍ତିରେ ଶିକ୍ଷକ ଆବଶ୍ୟକ କରୁଥିବା ବିଭିନ୍ନ ବିଦ୍ୟାଳୟର ତାଲିକା ପ୍ରସ୍ତୁତ କରାଯିବ। ସେହି ତାଲିକା ଭିତ୍ତିରେ ବିଦ୍ୟାଳୟଗୁଡ଼ିକରେ ଖୁବ୍‌ଶୀଘ୍ର ନିଯୁକ୍ତି ଦିଆଯିବ। ନିଯୁକ୍ତି ଅପେକ୍ଷାରେ ଥିବା ୨୦ ହଜାର କନିଷ୍ଠ ଶିକ୍ଷକଙ୍କ ନିଯୁକ୍ତି ପ୍ରକ୍ରିୟା ସାରିବାକୁ ବିଭାଗ ପ୍ରକ୍ରିୟା ଆରମ୍ଭ କରିଛି। ପ୍ରାଥମିକତା ଭିତ୍ତିରେ

- ଜାନୁଆରୀ ପ୍ରଥମ ସପ୍ତାହରେ ଆସିପାରେ ପରୀକ୍ଷାଫଳ
- ୨ଦିନ ମଧ୍ୟରେ ଅପ୍‌ଲୋଡ୍ ହେବ ୟୁ-ଡାଇଜ୍ ତଥ୍ୟ

ତାଲିକା ପ୍ରସ୍ତୁତ କରିବା ପାଇଁ ସମସ୍ତ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବୁଧବାର ଅନୁଷ୍ଠିତ ସମୀକ୍ଷା ବୈଠକରେ ଏନେଇ ବିସ୍ତୃତ ଆଲୋଚନା ହୋଇଛି। ଏହାସହ ୟୁ-ଡାଇଜ୍ ତଥ୍ୟ ଅପ୍‌ଲୋଡ୍, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ଦଶମ ବାର୍ଷିକ ପରୀକ୍ଷା ପରି ବିଭିନ୍ନ ପ୍ରସଙ୍ଗରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସମୀକ୍ଷା ବୈଠକରେ ଆଲୋଚନା ହୋଇଛି।

ସମ୍ପ୍ରତି ୨୦ ହଜାର କନିଷ୍ଠ ଶିକ୍ଷକ ପଦ ପାଇଁ ମୂଲ୍ୟାଙ୍କନ ପ୍ରକ୍ରିୟା ଜାରି ରହିଛି। ଜାନୁଆରୀ ପ୍ରଥମ ସପ୍ତାହରେ ଫଳ ପ୍ରକାଶ ପାଇପାରେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଆଗାମୀ ଦଶମ ବୋର୍ଡ ପରୀକ୍ଷା ସମୟରେ ସମ୍ଭାବ୍ୟ ପ୍ରତିବନ୍ଧକର ପ୍ରତିକାର ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଛି। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଯୋଜନାର ସଠିକ କାର୍ଯ୍ୟାନ୍ୱୟନ ସହ ଜାନୁଆରୀ ୩୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ ସ୍ତରୀୟ ବୈଠକ ବିଷୟରେ ସୂଚନା ଦିଆଯାଇଛି। ଏହାସହ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଶୃଜନଶୀଳତା ଦକ୍ଷତାକୁ ନେଇ ବିଦ୍ୟାଳୟ ସ୍ତରୀୟ ଉତ୍ସବ ପାଳନ ସମ୍ପର୍କରେ ଆଲୋଚନା ହୋଇଛି। ଭର୍ଚୁଆଲ୍ ମାଧ୍ୟମରେ ଅନୁଷ୍ଠିତ ଏହି ବୈଠକରେ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ(ଡିଇଓ) ଓ ବ୍ଲକ ଶିକ୍ଷା ଅଧିକାରୀ(ବିଇଓ) ମାନେ ଯୋଗଦେଇଥିଲେ।

ପୁଲିସ ପାଇଁ ୨୦୨୪ ଆହ୍ୱାନ

## ଓଡ଼ିଶା ପୁଲିସର ସମ୍ମାନ ସାରା ଦେଶରେ ରହିଛି: ଡିଜିପି

**ଭୁବନେଶ୍ୱର,୨୮ ।୧୨(ସମିସ):** ଆଗକୁ ସାଧରଣ ନିର୍ବାଚନ ହେବ। ମାଓବାଦୀମାନେ କିଛି ଅଘଟଣ ଘଟାଇ ପାରନ୍ତି। ତେଣୁ ୨୦୨୪ ପୁଲିସ ପାଇଁ ଆହ୍ୱାନପୂର୍ଣ୍ଣ ହେବ ବୋଲି କହିଛନ୍ତି ପୁଲିସ ଡିଜି ସୁନୀଲ ବଂଶଲ। ଭୁବନେଶ୍ୱର ବିଜୁ ପଟ୍ଟନାୟକ ପୁଲିସ ଏକାଡେମୀରେ ଦୀକ୍ଷାନ୍ତ ସମାରୋହରେ ଯୋଗଦେଇ ଡିଜିପି କହିଛନ୍ତି, ଆଗକୁ ସାଧାରଣ ନିର୍ବାଚନ। ତେଣୁ ପୂର୍ବ ଭଳି ଓଡ଼ିଶା ପୁଲିସର ଯେଉଁ ସମ୍ମାନ ସାରା ଦେଶରେ ରହିଛି, ତାହା ବଳବତ୍ତର ରହିବ। ନିର୍ବାଚନ ପୂର୍ବରୁ ନୂଆପଡ଼ା, କନ୍ଧମାଳ ଭଳି ଜିଲ୍ଲାରେ ୧୧ଟି ନୂଆ ବେସ୍ ତିଆରି କରାଯିବ। ୨୦୨୩ ମସିହା ବହୁ ସୁରୁଖୁରୁରେ ଶେଷ ହୋଇଛି।



ଅପରାଧିକ କାର୍ଯ୍ୟକଳାପ ଘଟିଥିଲେ ମଧ୍ୟ ଓଡ଼ିଶା ପୁଲିସ ଏହାକୁ ସଫଳତାର ସହ ମୁକାବିଲା କରିଛି। ଏହି ବର୍ଷ ନକ୍ସଲ ଓ ମାଓବାଦୀ କାର୍ଯ୍ୟକଳାପ ବିରୋଧରେ ସ୍ପେଶାଲ ଅପରେସନ୍ ହୋଇଛି। ପୁଲିସ କର୍ମଚାରୀ ନିଜର ଦକ୍ଷତା ପ୍ରତିପାଦନ କରିଛନ୍ତି। ପୁଲିସ ନିଯୁକ୍ତିରେ ମଧ୍ୟ ଓଡ଼ିଶା ଆଗରେ ରହିଛି। ଅନ୍ୟ ଅଫିସରଙ୍କ ସହ ୪ ହଜାର ୬ ଶହ କନେଷ୍ଟବଳ ନିଯୁକ୍ତ ହୋଇଛନ୍ତି ବୋଲି ଡିଜିପି କହିଛନ୍ତି।

ଆଜି ନନ୍ଦନକାନନ ପ୍ରତିଷ୍ଠା ଦିବସ

## ନବକଳେବର ସହ ସାଜିବ ବିଶ୍ୱସ୍ତରୀୟ

**ଭୁବନେଶ୍ୱର/ବାରଙ୍ଗ,୨୮ ।୧୨(ସମିସ):** ଶୁକ୍ରବାର ନନ୍ଦନକାନନ ପ୍ରତିଷ୍ଠା ଦିବସ ପାଳନ କରାଯିବ। ୧୯୬୦ ମସିହା ଆଜିର ଦିନରେ ପ୍ରତିଷ୍ଠା ହୋଇଥିବା ଏହି ପ୍ରାଣୀ ଉଦ୍ୟାନର ନବକଳେବର ପାଇଁ ରାଜ୍ୟ ସରକାର ଯୋଜନା ହାତକୁ ନେଇଛନ୍ତି। '୫-ଟି' ଉପକ୍ରମରେ ଏହାକୁ ବିଶ୍ୱସ୍ତରୀୟ ପ୍ରାଣୀଉଦ୍ୟାନ କରିବା ପାଇଁ ଯୋଜନା ରହିଛି। ଏଥିପାଇଁ ଚୂଡ଼ଙ୍ଗ ଜଙ୍ଗଲ ଅଞ୍ଚଳକୁ ନନ୍ଦନକାନନରେ ସାମିଲ କରି ଏହାର ପରିସର ବୃଦ୍ଧି କରାଯିବ ଓ ୨ ଟି ପର୍ଯ୍ୟାୟରେ ଏହାର ଭିତ୍ତିଭୂମି ବିକାଶ କରାଯିବାକୁ ନିଷ୍ପତ୍ତି ହୋଇଛି। ନନ୍ଦନକାନନରେ ପରିଦର୍ଶକମାନଙ୍କ ପାଇଁ ଅତିରିକ୍ତ ଉନ୍ନତ ସୁବିଧା, ଆଧୁନିକ ଫ୍ରଣ୍ଟେଜ ଓ ଲ୍ୟାଣ୍ଡସ୍କେପିଂ, ଟନେଲ ଆକ୍ୱାରିୟମ୍, ୱାଟର୍ ବାର୍ଡ ଆଭିଆରୀ ଦେଶ ବିଦେଶରୁ ନୂତନ ପ୍ରାଣୀ, ଏମର୍ସିଭ ଏନ୍‌କ୍ଲୋଜର ଓ ପିଲାମାନଙ୍କ ପାଇଁ ପ୍ରକୃତି ଶିକ୍ଷାର ଏକ ସ୍ୱତନ୍ତ୍ର ହବ୍ ଭାବରେ ବିକାଶ କରିବା ପାଇଁ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଉଛି। ଏହି




କ୍ରମରେ ନୂଆବର୍ଷରେ ଦୁବାଇରୁ ଚିତା ଆଣିବା ସହ ଆଉ ଏକ ଜିରାଫ ଆଣିବା ପାଇଁ ମଧ୍ୟ ବନ ବିଭାଗ ଲକ୍ଷ୍ୟ ରଖିଛି। ଏଥିପାଇଁ ପ୍ରାୟ ସମସ୍ତ ପ୍ରକ୍ରିୟା ଶେଷ ହୋଇଥିବା ବେଳେ ଖୁବ୍‌ଶୀଘ୍ର ନୂଆ ଅତିଥି ନନ୍ଦନକାନନରେ ପହଞ୍ଚିବେ ବୋଲି ଆଶା କରାଯାଉଛି। ରୂପାନ୍ତର କାର୍ଯ୍ୟକ୍ରମରେ ପ୍ରଥମ ପର୍ଯ୍ୟାୟ ୨୦୨୩ରୁ ୨୦୨୫ ଓ ଦ୍ୱିତୀୟ ପର୍ଯ୍ୟାୟ

- ୨ ପର୍ଯ୍ୟାୟରେ କରାଯିବ ବିକାଶ
- ଉଦ୍‌ଘାଟନ ହେବ ୭୦ରୁ ଊର୍ଦ୍ଧ୍ୱ ପ୍ରଜାତିର ବାଉଁଶ ଉଦ୍ୟାନ

୨୦୨୫ ରୁ ୨୦୨୮ ମଧ୍ୟରେ କାର୍ଯ୍ୟକାରୀ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ପ୍ରଥମ ପର୍ଯ୍ୟାୟରେ ପ୍ରାଣୀ ଉଦ୍ୟାନ ଓ ବଟାନିକାଲ ଗାର୍ଡେନ୍‌ର ବିକାଶ ହେବାକୁ ଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଚୂଡ଼ଙ୍ଗ ଜଙ୍ଗଲ ଅଞ୍ଚଳର ବିକାଶ କରାଯିବ। ଏଥିରେ ରାତ୍ରି ସଫାରୀ ଓ ସଫାରୀ କମ୍ପ୍ଲେକ୍ସର ବିକାଶ କରାଯିବ। ନନ୍ଦନକାନନକୁ ପିଲାମାନଙ୍କ ପାଇଁ ପ୍ରକୃତି ଶିକ୍ଷା ଉପରେ ଏକ ଆକର୍ଷଣୀୟ ହବ୍ ଭାବରେ ବିକାଶ କରିବା ପାଇଁ ମଧ୍ୟ ଯୋଜନା ରହିଛି। ଏଥିରେ ଆକ୍ଟିଭିଟି ଭିତ୍ତିକ ପ୍ରାଣୀ ଉଦ୍ୟାନ, ପ୍ରକୃତି ଶିକ୍ଷା ସହିତ କେତେକ ସ୍ୱତନ୍ତ୍ର ସ୍କୁଲରେ 'ନନ୍ଦନକାନନ କ୍ଲବ' ଓ 'ଜୁ ଆମ୍ବାସାଡର' ଆଦି କାର୍ଯ୍ୟକ୍ରମ ରହିଛି।

ଶୁକ୍ରବାର ନନ୍ଦନକାନନ ପ୍ରତିଷ୍ଠା ଦିବସରେ ୭୦ରୁ ଊର୍ଦ୍ଧ୍ୱ ପ୍ରଜାତିର ବାଉଁଶ ଉଦ୍ୟାନ ସାଙ୍ଗକୁ ୬୦ ପ୍ରକାର କଇଁ, ୧୫୦ ପ୍ରକାର ଜଳ ଭିତର ଉଦ୍ଭିଦ ଓ କଙ୍ଗାରୁ ଘର ଆଦି ଉଦ୍‌ଘାଟନ କରାଯିବାର କାର୍ଯ୍ୟକ୍ରମ ରହିଛି।

### ସିଫାରେ 'ଓଡ଼ିଶାରେ ଉଚ୍ଚମାନର ମତ୍ସ୍ୟ ଯାଆଁଳ ଉତ୍ପାଦନ-ଆଗାମୀ ରୂପରେଖ' କର୍ମଶାଳା

# ମତ୍ସ୍ୟଚାଷୀଙ୍କୁ ସ୍ୱାବଲମ୍ବୀ କରାଇବାକୁ ଗୁରୁତ୍ୱ



**ପିପିଲି,୨୮।୧୨(ସମିସ)**

ଓଡ଼ିଶାରେ ଉଚ୍ଚମାନର ମତ୍ସ୍ୟ ଯାଆଁଳ ଉତ୍ପାଦନ- ଆଗାମୀ ରୂପରେଖ ସଂପର୍କିତ କର୍ମଶାଳା କେନ୍ଦ୍ରୀୟ ମଧୁରଜଳ ଜୀବ ପାଳନ ପ୍ରତିଷ୍ଠାନ (ସିଫା) କୌଶଲ୍ୟାଗଙ୍ଗଠାରେ ଆଜି ଉଦ୍‌ଯାପିତ ହୋଇଯାଇଛି। ଏହି କର୍ମଶାଳା ସିଫାର ନିର୍ଦ୍ଦେଶକ ଡଃ. ପ୍ରମୋଦ କୁମାର ସାହୁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ସ୍ୱାଗତ ଅଭିଭାଷଣରେ ଡଃ. ସାହୁ କର୍ମଶାଳାର ଲକ୍ଷ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏନ୍‌ଏଫ୍‌ବିବିର ସହଯୋଗରେ କୃଷକ, କୃଷି ଉଦ୍ୟୋଗୀମାନେ ହାଚେରୀର ସୁପରିଚାଳନା କରିବା ସହିତ ଉନ୍ନତମାନର ଜାଆଁଳ ଉତ୍ପାଦନ କରିବାର କୌଶଳ ଉଦ୍‌ଭାବନ କରିବାକୁ ସେ ଆହ୍ୱାନ ଦେଇଥିଲେ। ସରକାରୀ ଓ ବେସରକାରୀସ୍ତରରେ ଥିବା ମଲ୍ଟିପ୍ଲାୟର ୟୁନିଟ୍ ମାଧ୍ୟମରେ ଉନ୍ନତମାନର ମାଛ ଜାଆଁଳ ଉତ୍ପାଦନ କରି ମତ୍ସ୍ୟଚାଷୀମାନଙ୍କୁ ସ୍ୱାବଲମ୍ବୀ କରାଇବା ଏହି କର୍ମଶାଳାର ଲକ୍ଷ୍ୟ ବୋଲି କହିଥିଲେ। ଓଡ଼ିଶାରେ ଶୀତଳ ଜଳରେ ମାଛ ଚାଷ କରିବା ପାଇଁ ସିଫା ତରଫରୁ ଗବେଷଣା କରାଯାଉଛି ବୋଲି ସେ ପ୍ରକାଶ କରିଥିଲେ। ନିଜ ଅଭିଭାଷଣରେ ଡଃ. ସାହୁ ପୋଖତା ମାଛର ଖାଦ୍ୟ, ସ୍ୱନ୍ ପାଇଁ ଖାଦ୍ୟ ଏବଂ ମାଛ ରୋଗର କିପରି ପ୍ରତିକାର କରାଯାଇ ପାରିବ ଆଲୋଚନା କରିଥିଲେ। ବିଭାଗୀୟ ମୁଖ୍ୟ ତଥା ଏହି କର୍ମଶାଳାର ସଂଯୋଜକ ଡଃ ପି. ସି. ଦାସ ମାଛଗୁଡ଼ିକ ମଧ୍ୟରେ ବିଭିନ୍ନତା ଆଣିବା ପାଇଁ ସିଫା କାର୍ଯ୍ୟ କରୁଛି ବୋଲି କହିଥିଲେ। ମତ୍ସ୍ୟ ଅନୁବଂଶୀୟ ବିଭାଗୀୟ ମୁଖ୍ୟ ତଥା ସହ ସଂଯୋଜକ ଡଃ ଜେ. କେ. ସୁନ୍ଦରାୟ କହିଥିଲେ ଯେ ମତ୍ସ୍ୟ ଉପଭୋକ୍ତା ରେଖାଚିତ୍ରରେ ଓଡ଼ିଶାର ସ୍ଥାନ ଚତୁର୍ଥ ତଥାପି ଉଚ୍ଚମାନର ମାଛ ଜାଆଁଳ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶାର ହାଚେରୀ ପରିଚାଳକମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ସେହି ସମସ୍ୟାଗୁଡ଼ିକର ସମାଧାନ କରିବାର ଉପାୟ ନିର୍ଣ୍ଣୟ କରିବା ଏହି କର୍ମଶାଳାର ଲକ୍ଷ୍ୟ ବୋଲି ଡଃ ସୁନ୍ଦରାୟ କହିଥିଲେ। ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ଉପ ମହାନିର୍ଦ୍ଦେଶକ ଡଃ ଜେ. କେ. ଜେନା ଉଦ୍‌ଯାପନୀ ଦିବସରେ ଯୋଗଦାନ କରି କୃଷକ, ମହିଳା ମତ୍ସ୍ୟ କୃଷିଜୀବୀ, ଉଦ୍ୟୋଗୀ ଓ ହାଚେରୀ ପରିଚାଳକମାନେ ଏଭଳି କର୍ମଶାଳାରେ ଯୋଗଦାନ କରି ଜ୍ଞାନର ପରିସୀମା ବୃଦ୍ଧି କରିବା ସହିତ ରୋଜଗାର ଦ୍ୱିଗୁଣ କରିପାରିବେ ବୋଲି ଡଃ ଜେନା କହିଥିଲେ। ଓଡ଼ିଶା, ଛତିଶଗଡ଼, ପଶ୍ଚିମବଙ୍ଗ, ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟ, ଏନ୍‌ଏଫ୍‌ବିବି, କୃଷି ବିଜ୍ଞାନ କେନ୍ଦ୍ର ଓ ସିଫାର ବୈଜ୍ଞାନିକ ଏହି କର୍ମଶାଳାରେ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଏକ ପ୍ରଶିକ୍ଷଣ ପୁସ୍ତିକା ଉନ୍ମୋଚନ କରାଯାଇଥିଲା।

### 'ନୂଆ-ଓ' କାର୍ଯ୍ୟକ୍ରମ ଓ କ୍ରିକେଟ୍ ମ୍ୟାଚ୍ ଉଦ୍‌ଯାପିତ

**କଣାସ,୨୮।୧୨(ସମିସ):** କଣାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ନୂଆ-ଓ' କାର୍ଯ୍ୟକ୍ରମ ଓ କ୍ରିକେଟ୍ ମ୍ୟାଚ୍ ଗୁରୁବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନ ସମାରୋହ ଉତ୍ସବରେ ଅଧ୍ୟକ୍ଷ ବନବିହାରୀ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଦୋକନ୍ଦା ସରପଞ୍ଚ ଈଶ୍ୱର ହରିଚନ୍ଦନ, ବଡ଼ସ ସରପଞ୍ଚ ବ୍ରଜକିଶୋର ପାଢ଼ୀ, ନାଏବ ସରପଞ୍ଚ ଭିମସେନ ପ୍ରଧାନ, ବିଜୁଯୁବ ଜନତା ଦଳ ପୁରୀ ଜିଲ୍ଲା ଉପସଭାପତି ଭିକାରୀଚରଣ ବଳିୟାରସିଂହ, କଣାସ ବ୍ଲକ୍ ବିଜେଡି ସଭାପତି ବଳରାମ ପଲାଇ, ସତ୍ୟବାଦୀ ନିର୍ବାଚନ ମଣ୍ଡଳିର ଯୁବ ବିଜେଡି ସଭାପତି ବସନ୍ତ କୁମାର ଜେନା, ଦୋକନ୍ଦା ପଞ୍ଚାୟତ ସମିତି ସଭ୍ୟ ପ୍ରତିନିଧି ରାଜେଶ ହରିଚନ୍ଦନ ଅତିଥି ଭାବେ ଯୋଗଦେଇଥିଲେ। ଖେଳ ମାଧ୍ୟମରେ ପିଲାମାନଙ୍କ ଭାଇଚାରା ସୃଷ୍ଟିହେବା ଓ ଶରୀରକ ସୁସ୍ଥତା ସମ୍ପର୍କରେ ଅତିଥିମାନେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୋଡାଲ ଅଫିସର ଉମେଶ ଚନ୍ଦ୍ର ପଟ୍ଟଯୋଷୀ 'ନୂଆ-ଓ' କ୍ରୀଡ଼ା ଭାରପ୍ରାପ୍ତ ଅଧିକାରୀ ବୃନ୍ଦାବନ ପାତ୍ର ଓ କଲେଜ୍‌ର ସମସ୍ତ ଅଧ୍ୟକ୍ଷ ଓ ଅଧ୍ୟକ୍ଷା ଯୋଗଦେଇଥିବା ବେଳେ ୭ଟି ଟିମ୍ ଭାଗନେଇଥିଲେ। ୪ର୍ଥ ଟିମ୍ ଚମ୍ପିଆନ ହୋଇଥିଲା।

### ଜାନୁଆରୀ ୨୬ରୁ ଶାରଳା କପ୍



**ଅସ୍ତରଙ୍ଗ,୨୮।୧୨(ସମିସ):** ଅସ୍ତରଙ୍ଗ ବ୍ଲକ୍ ନରେନ୍ଦ୍ର ଷ୍ଟାଡିୟମଠାରେ ଶାରଳା ସ୍ପୋର୍ଟିଂ କ୍ଲବ୍ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସୂଚନାନୁଯାୟୀ, ଜାନୁଆରୀ ୨୬ ତାରିଖ ଶୁକ୍ରବାରଠାରୁ ୭ଦିନ ବ୍ୟାପୀ ରାଜ୍ୟସ୍ତରୀୟ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୮ଟି ଦଳ ଅଂଶଗ୍ରହଣ କରିବେ ବୋଲି କ୍ରୀଡ଼ା ସମ୍ପାଦକ ସନ୍ତୋଷ କାଣ୍ଡି ସୂଚନା ଦେଇଛନ୍ତି। ବିଜୟୀ ଚମ୍ପିଆନ ଦଳକୁ ଟ୍ରଫି ସହିତ ୩୧ ହଜାର ୧୧୧ ଟଙ୍କା ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହିତ ୨୧ ହଜାର ୧୧୧ ଟଙ୍କା ଆର୍ଥିକ ରାଶି ପ୍ରଦାନ କରାଯିବ ବୋଲି ସଭାପତି ଯୁଗଳକିଶୋର ମହାନ୍ତି ପ୍ରକାଶ କରିଥିଲେ। ପ୍ରତ୍ୟେକ ଦିନ ପ୍ରଦର୍ଶିତ ଖେଳରେ ଛକା, ଚଉକା ଓ ବ୍ୟକ୍ତିଗତ ରନ୍ ପାଇଁ ଆକର୍ଷଣୀୟ ପୁରସ୍କାର ଦିଆଯିବ ବୋଲି ଉପସଭାପତି ପ୍ରକାଶ କୁମାର ବେହେରା ମତ ଦେଇଥିଲେ। ଆୟୋଜିତ ମ୍ୟାଚ୍‌ଗୁଡ଼ିକ ୨୦ ଓଭର୍ ବିଶିଷ୍ଟ ଖେଳାଯିବ ବୋଲି କ୍ଲବ୍ ପକ୍ଷରୁ ସମ୍ପାଦକ ଦୁର୍ଗା ଚରଣ ମହାରଣା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କୋଷାଧ୍ୟକ୍ଷ ମାନସ କୁମାର ବେହେରା, ସଂଯୋଜକ ଦିବ୍ୟଦର୍ଶୀ ବିଶ୍ୱାଳ, ସହ ସମ୍ପାଦକ ମିଥୁନ ବେହେରା, ମିଡିଆସେଲ୍ ମୁଖ୍ୟ, ପବିତ୍ର ମହାନ୍ତି, ସହସଂଯୋଜକ ରାକେଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ଗ୍ରାମୀଣ କ୍ରିକେଟ୍; ସାମନ୍ତରାପୁର ଚାମ୍ପିଅନ୍

**କୃଷ୍ଣପ୍ରସାଦ,୨୮।୧୨(ସମିସ):** କୃଷ୍ଣପ୍ରସାଦ ବ୍ଲକ ବଡ଼ଝାଡ଼ ପଞ୍ଚାୟତର ମା' ଚଣ୍ଡୀ ଦେବୀ ଯୁବକ ସଂଘ ମର୍ଦ୍ଦରାଜପୁର ଆନୁକୂଲ୍ୟରେ ଶ୍ୟାମ ସୁନ୍ଦର ଷ୍ଟାଡିୟମ ଠାରେ ଚାଲିଥିବା ଗ୍ରାମୀଣ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ସାମନ୍ତରାପୁର ଦଳ ଚାମ୍ପିଅନ ହୋଇଛି।



ଫାଇନାଲ ମ୍ୟାଚ୍ ବଡ଼ଝାଡ଼ ପଞ୍ଚାୟତର ଗୋଲପୁର ଓ ଗୋମୁଣ୍ଡିଆ ପଞ୍ଚାୟତର ସାମନ୍ତରାପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଗୋଲପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭର୍‌ରେ ସମସ୍ତ ୱିକେଟ୍ ହରାଇ ୬୮ ରନ୍ ସଂଗ୍ରହ କରିଥିଲା। ଜବାବରେ ସାମନ୍ତରାପୁର ଦଳ ଆବଶ୍ୟକ ରନ ସଂଗ୍ରହ କରି ବିଜୟ ଲାଭ କରିଥିଲା। ଖଗେଶ୍ୱର ବିଶ୍ୱାଳ, ସନ୍ତୋଷ ନାୟକ ଖେଳ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ପୁରୀ ଜିଲ୍ଲା ବିଜୁ ଛାତ୍ର ଜନତା ଦଳର ସମ୍ପାଦକ ବସନ୍ତ କୁମାର ବିଶ୍ୱାଳ, ଯୁବନେତା ମାନସ କୁମାର ନାୟକ, ଦାଶରଥି ମହାନ୍ତି ପ୍ରମୁଖ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ।

### ଆଡ୍‌ଭୋକେଟ୍ ଭାସ୍କର ମହାପାତ୍ରଙ୍କ ପରଲୋକ



**ଭୁବନେଶ୍ୱର/ପୁରୀ,୨୮ ।୧୨(ସମିସ):** ରାଜ୍ୟର ସୁନାମଧନ୍ୟ ଟାକ୍ସ ଆଡ୍‌ଭୋକେଟ ଭାସ୍କରଚନ୍ଦ୍ର ମହାପାତ୍ରଙ୍କ (୬୩) ବୁଧବାର ସନ୍ଧ୍ୟାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ ମିତା ମହାପାତ୍ର, ବଡ଼ପୁଅ ରଶ୍ମିରଞ୍ଜନ ମହାପାତ୍ର, ବଡ଼ବୋହୂ ବବିତା ମିଶ୍ର, ସାନପୁଅ ସୁନୀଲରଞ୍ଜନ ମହପାତ୍ର ଓ ବନ୍ଧୁପରିଜନ ଉପସ୍ଥିତ ଥିଲେ। ମୃତଦେହ ଗ୍ରାମକୁ ଅଣାଯିବା ପରେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତ ଚନ୍ଦ୍ରବ୍ରହ୍ମପୁର ଗ୍ରାମରେ ଜନ୍ମିତ ଭାସ୍କର ଆଇନ ପାଠ୍ୟକ୍ରମରେ ସ୍ନାତକ କରିବା ପରେ ୧୯୯୧ରେ ଭୁବନେଶ୍ୱର କୋର୍ଟରେ ଆଇନ ପେସା ଆରମ୍ଭ କରି ରାଜ୍ୟରେ ବେଶ ସୁନାମ ଅର୍ଜନ କରିଥିଲେ। ଗତ ପ୍ରାୟ ୧ ବର୍ଷ ହେବ ସେ କିଡ୍‌ନୀଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ। ତାଙ୍କ ଦେହାନ୍ତରେ ଶୋକର ଛାୟା ଖେଳିଯାଇଛି।

### ରାଜ୍ୟସ୍ତରୀୟ ଲଙ୍କେଶ୍ୱରୀ କପ୍ ଫୁଟ୍‌ବଲ

## ଫାଇନାଲ୍‌ରେ ନୀଳଚକ୍ର ସ୍ପୋର୍ଟ୍ସ କ୍ଲବ୍

**ବଳଙ୍ଗା,୨୮।୧୨(ସମିସ)**

ଲଙ୍କେଶ୍ୱରୀ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ମ୍ୟାଚ୍‌ରେ ଜାଗା ୟୁନାଇଟେଡ୍ ଭୁବନେଶ୍ୱର ଓ ନୀଳଚକ୍ର ସ୍ପୋର୍ଟ୍ସ କ୍ଲବ୍ ପୁରୀ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହିମ୍ୟାଚ୍‌ରେ ଜାଗା ୟୁନାଇଟେଡ଼ ଭୁବନେଶ୍ୱରକୁ ୫-୪ ଗୋଲ୍‌ରେ ହରାଇ ନୀଳଚକ୍ର ସ୍ପୋର୍ଟସ କ୍ଲବ ପୁରୀ ଫାଇନାଲରେ ପ୍ରବେଶ କରିଛି। କ୍ଲବ୍‌ର ସମ୍ପାଦକ କୃପାସିନ୍ଧୁ ଦତ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡ଼ିଶା ହୋମିଓ ପକ୍ଷଥିକ୍ ସଂଘର ସଭାପତି ନେତ୍ରାନନ୍ଦ ଭୋଇ, ନିମାପଡା ଅଞ୍ଚଳର ବିଶିଷ୍ଟ ସମାସେବୀ ମହେନ୍ଦ୍ର ସିଂ ଭାଟିଆ, ସୁଧାଂଶୁ କୁମାର ବେହେରା, ଶାଖା ପରିଚାଳକ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ମାନଭଞ୍ଜନ ମିଶ୍ର, ସୁବାଷ ଚନ୍ଦ୍ର ପରିଡା କୋଷାଧ୍ୟକ୍ଷ ଷ୍ଟେଟ୍ ବ୍ୟାଙ୍କ୍ ବଳଙ୍ଗା ଶାଖା ଯୋଗଦେଇଥିଲେ। ଶ୍ରେଷ୍ଠ ଖେଳାଳି ଭାବେ ସୂର୍ଯ୍ୟ କୁମାର ସେଠୀଙ୍କୁ ପୁରସ୍କୃତ କରାଯାଇଥିଲା। ଆଜିର ମ୍ୟାଚ୍‌କୁ ରେଫରୀ ସୁଦିପ୍ ଦାସ, ଅମିତ୍ କୁମାର ନାୟକ, ପ୍ରିୟବ୍ରତ ବାହିନୀପତି, ଗଗନ ବିହାରୀ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଆଜି (ଶୁକ୍ରବାର) ୨ୟ ସେମିଫାଇନାଲ୍ ମ୍ୟାଚ୍ ଆୟୋଜକ ଲଙ୍କେଶ୍ୱରୀ ସ୍ପୋର୍ଟ୍ସ କ୍ଲବ୍ ବଳଙ୍ଗା ଓ ଗଣ୍ଡରପୁର ୟୁନାଇଟେଡ୍ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ।



## ନିଗମାନନ୍ଦ ମହିଳା ମହାବିଦ୍ୟାଳୟରେ 'ନୂଆ-ଓ' କାର୍ଯ୍ୟକ୍ରମ




**ନୟାହାଟ/ଚାରିଛକ,୨୮।୧୨(ସମିସ)**

ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ଚାରିଛକ ସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟରେ 'ନୂଆ-ଓ' କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ସ୍ୱର୍ଣ୍ଣରଶ୍ମୀ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ପରିଚାଳନା କମିଟିର ସଭାପତି ପ୍ରଫେସର୍ ଡ. ସନ୍ତୋଷ କୁମାର ମିତ୍ର ଯୋଗଦେଇ ଛାତ୍ରୀଙ୍କୁ କ୍ରୀଡ଼ା, ସଂସ୍କୃତି ଓ ସାମାଜିକ ସଚେତନା ପ୍ରତି ଆଦେଶ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର୍ ଗୋପୀନାଥ କର ଯୋଗଦେଇ ସରକାରଙ୍କ ଏହି କାର୍ଯ୍ୟ ଛାତ୍ରୀଙ୍କ ଅନ୍ତଃର୍ନିହିତ ପ୍ରତିଭାର ବିକାଶ ସହ ସମୃଦ୍ଧ ଓଡ଼ିଶାର ପ୍ରଗତିରେ ସହାୟକ ହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ରୂପେ ନିମାପଡ଼ା ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ପ୍ରାକ୍ତନ ଅଧ୍ୟକ୍ଷା ପ୍ରଫେଶର ଶାନ୍ତିଲତା ସେନାପତି, ମହାତ୍ମାଗାନ୍ଧୀ ସ୍ମୃତି ମହାବିଦ୍ୟାଳୟର ଅଧ୍ୟକ୍ଷ ନିରୋଧ ତ୍ରିପାଠୀ, ମା' ସରସ୍ୱତୀ ଆଞ୍ଚଳିକ ମହାବିଦ୍ୟାଳୟର ଅଧ୍ୟକ୍ଷ ବ୍ରଜକିଶୋର ନାୟକ, ସମାଜ ସେବୀ ଚନ୍ଦ୍ରକାନ୍ତ ଦଳାଇ, ସନାତନ ପାତ୍ର, କେଦାର ନାଥ ସାହୁ, ଛଣିଜଙ୍ଗ ପଞ୍ଚାୟତର ସରପଞ୍ଚ ଅଜୟ ପରିଡା, ଭୋଦର ପଞ୍ଚାୟତର ସରପଞ୍ଚ ଚାରୂଲତା ବେହେରା, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ଓଝା, କଳପଞ୍ଚଣ ପଞ୍ଚାୟତ ସମିତି ସଭ୍ୟା ସସ୍ମିତା ପାତ୍ର, ଜାତୀୟ ସେବା ଯୋଜନାର ସଂଯୋଜକ ପ୍ରଦୀପ୍ତ ପାତ୍ର ଯୋଗଦେଇଥିଲେ। ଏଥିରେ ଯୁକ୍ତ୨ ଓ ଯୁକ୍ତ ୩ର ୬୦ଟି ପ୍ରତିଯୋଗିତାରେ ଅଂଶଗ୍ରହଣ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରଯାଇଥିଲା। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପୁଷ୍ପମିତ୍ରା ପଟ୍ଟନାୟକ ଓ ଶିକ୍ଷା ବିଭାଗର ମୁଖ୍ୟ ଡ. ଶ୍ରୀଲେଖା ନାୟକ ସଂଯୋଜନା କରିଥିଲେ। ଶେଷରେ ମହାବିଦ୍ୟାଳୟ ସଂସ୍କୃତ ବିଭାଗର ଅଧ୍ୟାପକ ଜୀବନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ।

## ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ



**ଡେଲାଙ୍ଗ,୨୮।୧୨(ସମିସ)**

ଡେଲାଙ୍ଗ ବ୍ଲକ୍‌ର ଗାଦିବ୍ରହ୍ମ ଡିଗ୍ରୀ ମହାବିଦ୍ୟାଳୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସରୋଜ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ସ୍ଥାନୀୟ ବିଧାୟକ ରୁଦ୍ରପ୍ରତାପ ମହାରଥୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଡେଲାଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ, ପିପିଲି ଏନ୍‌ଏସି ଅଧ୍ୟକ୍ଷ ସେକ୍ ବାବୁ, ଜିଲ୍ଲା ପରିଷଦ ପ୍ରସନ୍ନ କୁମାର ସାହୁ, ବ୍ଲକ୍ ବିଜେଡି ସଭାପତି ବୈରାଗୀ ଜେନା, ପୁରୀ ଜିଲ୍ଲା ନୋଡାଲ ଅଫିସର ଗୌରୀଶଙ୍କର ମଲ୍ଲିକ, ପରିଚାଳନା କମିଟି ସଭାପତି ଅଶୋକ କୁମାର ମହାନ୍ତି, ସ୍ଥାନୀୟ ସରପଞ୍ଚ ଦୀପକ କୁମାର ସାହୁ, ଛାତ୍ର ନେତା ସୁଦୀପ୍ତ ନାୟକ ପ୍ରମୁଖ ଯୋଗଦେଇଥିଲେ। କ୍ରୀଡ଼ା, ସଂସ୍କୃତି ଓ ସାମାଜିକ କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ରହିଥିବା ଅର୍ନ୍ତନିହିତ ଦକ୍ଷତାର ପରିପ୍ରକାଶରେ ଏହି କାର୍ଯ୍ୟକ୍ରମର ଭୂମିକା ବିଷୟରେ ଅତିଥିମାନେ ଆଲୋକପାତ କରିଥିଲେ। ମହାବିଦ୍ୟାଳର ଅଧ୍ୟାପକ ତ୍ରିନାଥ ପରିଡା ଅତିଥିଙ୍କ ପରିଚୟ ପ୍ରଦାନ ଓ ମଞ୍ଚ ପରିଚାଳନା କରିଥିଲେ। ନୋଡାଲ ଅଫିସର ଅଧ୍ୟାପକ ପ୍ରଶାନ୍ତ ହୋତା ଗତ ୨ରୁ ୨୮ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି କାର୍ଯ୍ୟକ୍ରମର ବୀବରଣୀ ପାଠ କରିଥିଲେ। ମହାବିଦ୍ୟାଳୟର ବରିଷ୍ଠ କିରାଣୀ ମହେଶ୍ୱର ଜେନାଙ୍କୁ ମାନପତ୍ର, ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ବିଧାୟକ ଶ୍ରୀ ମହାରଥି ଓ ଉପସ୍ଥିତ ଅତିଥିମାନେ ଅବସରକାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ଡେଲାଙ୍ଗ-କଣାସ ରାସ୍ତାର କଲେଜଛକ ଠାରେ ମହାବିଦ୍ୟାଳୟର ମୁଖ୍ୟଫାଟକ ନିର୍ମାଣ ପାଇଁ ଅଧ୍ୟକ୍ଷ ପଣ୍ଡା ବିଧାୟକଙ୍କୁ ନିବେଦନ କରିଥିଲେ।

## ବ୍ଲକ୍‌ସ୍ତରୀୟ ଉଦ୍ୟାନ କୃଷି ପ୍ରଶିକ୍ଷଣ କର୍ମଶାଳା

**କାକଟପୁର,ଗମ୍ଭାରୀପଦା, ୨୮।୧୨(ସମିସ):** କାକଟପୁର ବ୍ଲକ୍ ଅତିରିକ୍ତ ଉଦ୍ୟାନ ଅଧିକାରୀ ସୌମ୍ୟା ପ୍ରିୟଦର୍ଶିନୀଙ୍କ ସଭାପତିତ୍ୱରେ ମୋତି କଲ୍ୟାଣମଣ୍ଡପ ସଭାଗୃହରେ ଉଦ୍ୟାନ କୃଷି ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ବ୍ଲକ୍ ଅଧ୍ୟକ୍ଷ ଶ୍ରୀଧର ନାୟକ, ଜିଲ୍ଲା ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ଡ. ମଞ୍ଜୁଳା ତ୍ରିପାଠୀ, ଏଡିଏଚ୍ ଅଜୟ କୁମାର ପ୍ରଧାନ, କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ବିଷ୍ଣୁପ୍ରସାଦ ଗିରୀ ପ୍ରମୁଖ ଯୋଗଦେଇ ଆପିକଲ ଓ ଏହାର ଆଭିମୁଖ୍ୟ



ଉପରେ ଉପସ୍ଥିତ ଶତାଧିକ ସ୍ୱୟଂସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ଅବଗତ କରାଇଥିଲେ। ସ୍ଥାୟୀ ପୁଞ୍ଜି ନିବେଶ ଓ ରିହାତି ଯୋଗ୍ୟ କୃଷି ଉଦ୍ୟୋଗ ତାଲିକା ବଣ୍ଟନ କରି ଆତ୍ମନିର୍ଭରଶୀଳ ଓଡ଼ିଶା ଗଠନରେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ଉପରେ କହିଥିଲେ। ବ୍ଲକ୍ ଉଦ୍ୟାନ ଓଭରସିଅର ଶିବପ୍ରସାଦ ପ୍ରଧାନ, କ୍ଷେତ୍ର ଅଧିକାରୀ ରବିନ୍ଦ୍ର କୁମାର ବାସ୍କେ ଓ ବିଶ୍ୱରଞ୍ଜନ ଓଝା, ସମାଜସେବୀ ରମେଶ ଚନ୍ଦ୍ର ପାତ୍ରଙ୍କ ସହଯୋଗରେ ପ୍ରଶିକ୍ଷଣ କର୍ମଶାଳା ଶାନ୍ତିଶୃଙ୍ଖଳାର ସହ ସମ୍ପର୍ଣ୍ଣ ହୋଇଥିଲା।

### ରାଜ୍ୟସ୍ତରୀୟ ମଙ୍ଗଳା କପ୍ କ୍ରିକେଟ୍

# ସେମିରେ ୟୁନିକ୍ ଇଲେଭେନ୍ ଭଦ୍ରକ

**କାକଟପୁର,୨୮।୧୨(ସମିସ)**

କାକଟପୁର ମିନି ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ମଙ୍ଗଳା କପ୍ କ୍ରିକେଟ୍‌ର ଆଜି ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ବିଶ୍ୱଭାରତୀ, କଟକ ଏବଂ ୟୁନିକ ଇଲେଭେନ୍, ଭଦ୍ରକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ବିଶ୍ୱଭାରତୀ ଟିମ୍ ପ୍ରଥମେ ବ୍ୟାଟିଂ କରିବା ସହ ନିର୍ଦ୍ଧାରିତ ୨୫ ଓଭର୍‌ରେ ୬ଟି ୱିକେଟ ହରାଇ ୧୩୬ ରନ୍ ସଂଗ୍ରହ କରିଥିଲା। ଦଳ ତରଫରୁ ସମ୍ବିତ ସାହୁ ୯୭ ରନ୍ ସଂଗ୍ରହ କରିଥିଲେ। ଜବାବରେ ଭଦ୍ରକ ୟୁନିକ ଇଲେଭେନ୍ ୧୮.୩ ଓଭରରେ ୩ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିବା ସହ ସେମିଫାଇନାଲରେ ପ୍ରବେଶ କରିଛି। ଦଳ ପକ୍ଷରୁ ଦିବ୍ୟଶଙ୍କର ଚକ୍ରବର୍ତ୍ତୀ ସର୍ବାଧିକ ୪୬ ରନ୍ ସଂଗ୍ରହ କରିଥିଲେ। ଏହି ଅବସରରେ ଅତିଥି ଭାବେ ବ୍ୟାଙ୍କ ଅଫ୍ ବରୋଦାର ଶାଖା ପରିଚାଳକ କୃଷ୍ଣଚନ୍ଦ୍ର ଶତପଥୀ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ବିତ ସାହୁ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଆସନ୍ତାକାଲି ପ୍ରଥମ ସେମିଫାଇନାଲ ମ୍ୟାଚ୍ ଭଦ୍ରକ ୟୁନିକ ଇଲେଭେନ ଏବଂ କ୍ରାଉନ ସ୍ପୋର୍ଟିଂ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ ବୋଲି କ୍ଲବର ସମ୍ପାଦକ ଶୁଭ୍ରାଂଶୁ ଦୀକ୍ଷିତ ସୂଚନା ଦେଇଛନ୍ତି।



ମ୍ୟାନେଜର ଭାଗବତ ସ୍ୱାଇଁ, କୋଷାଧ୍ୟକ୍ଷ ସୂର୍ଯ୍ୟକାନ୍ତ ଦୀକ୍ଷିତ, ସଞ୍ଜୟ ସାମଲ, ସୁଶାନ୍ତ ଦାଶ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ।

## ଭ୍ରାମ୍ୟମାଣ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ

**କୋଣାର୍କ,୨୮।୧୨(ସମିସ):** ଓଡ଼ିଶା ଲଳିତ କଳା ଏକାଡେମୀ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୁଲ୍ୟରେ ଏବଂ ଜିଲ୍ଲା ପ୍ରଶାସନର ସହଯୋଗରେ ରାଜ୍ୟରେ ଚିତ୍ରକଳାର ବହୁଳ ପ୍ରଚାର ଓ ପ୍ରସାର ପାଇଁ ଏକାଡେମୀ ଦ୍ୱାରା ସଂଗୃହିତ ଚିତ୍ରକଳାଗୁଡ଼ିକୁ ନେଇ ଏକ ଭ୍ରାମ୍ୟମାଣ ପ୍ରଦର୍ଶନୀ ଉତ୍ସବ କୋଣାର୍କ ଏନଏସି କଲ୍ୟାଣ ମଣ୍ଡପଠାରେ ଉଦ୍‌ଘାଟିତ ହୋଇଯାଇଛି। ପ୍ରଦର୍ଶନୀକୁ ପୁରୀ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଓ କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଧଳ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ଲଳିତ କଳାର ବହୁଳ ପ୍ରଚାର ଓ ପ୍ରସାର ପାଇଁ ତଥା ଶିଳ୍ପୀମାନଙ୍କ କଳାକୃତି ଯେପରି ରାଜ୍ୟର ଜନସାଧାରଣ ଅନ୍ୟ ଶିଳ୍ପୀ ତଥା ଛାତ୍ରଛାତ୍ରୀ ଦେଖିପାରିବେ। ଓଡ଼ିଶାର ସବୁ ଜିଲ୍ଲାରେ ଚିତ୍ରକଳାର ପ୍ରଚାର ଓ ପ୍ରସାର କିପରି ଅଧିକ ହୋଇପାରିବ ସେଥିପାଇଁ ଏକାଡେମୀ ତରଫରୁ ଏହି ପ୍ରୟାସ କରାଯାଉଛି। ଉକ୍ତ ପ୍ରଦର୍ଶନୀରେ ଓଡ଼ିଶାର ଖ୍ୟାତନାମା ଦିବଙ୍ଗତ ବରିଷ୍ଠ ଚିତ୍ରଶିଳ୍ପୀ ବିମ୍ବାଧର ବର୍ମା, ବସନ୍ତ ପଣ୍ଡା, ଅନନ୍ତ ପଣ୍ଡା, ଯତୀନ ଦାସ, ଅଜିତ କେଶରୀ ରାୟ, ବିଭୁତି କାନୁନଗୋ ଓ ରବିନାରାୟଣ ନାୟକ ପ୍ରମୁଖଙ୍କ ସହ ବହୁ ଯୁବ ଚିତ୍ରଶିଳ୍ପୀଙ୍କ ମୋଟ ୪୦ଟି ଚିତ୍ରକଳା ସ୍ଥାନ ପାଇଛି। ଉକ୍ତ ପ୍ରଦର୍ଶନୀ ୩୦ ଡିସେମ୍ବର ପର୍ଯ୍ୟନ୍ତ ପ୍ରତ୍ୟହ ଦିନ ୧୦ ଘଟିକାରୁ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ ଖୋଲା ରହିବ। ପୁରୀ ଆର୍ଟ ଗ୍ୟାଲେରୀର ଭାରପ୍ରାପ୍ତ ଅଧିକାରୀ ସତ୍ୟ ପାଢ଼ୀ ଓ ସ୍ୱାଗତ ସାହୁ ଏହି ପ୍ରଦର୍ଶନୀରେ ସହଯୋଗ କରିଥିଲେ।







## ଏସ୍‌ସିଏସ୍ କଲେଜରେ ଅଗ୍ନିକାଣ୍ଡ



**ପୁରୀ,୨୮।୧୨(ସମିସ):** ସାମନ୍ତ ଚନ୍ଦ୍ର ଶେଖର (ଏସ୍‌ସିଏସ୍) ମହାବିଦ୍ୟାଳୟରେ ଗୁରୁବାର ଅଗ୍ନିକାଣ୍ଡ ଘଟିଛି। ବଡ଼ଧରଣର ଅଘଟଣ ପୂର୍ବରୁ ଠିକଣା ସମୟରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଲିଭାଇ ଦେଇଥିଲା। ସୂଚନା ଅନୁଯାୟୀ, ମହାବିଦ୍ୟାଳୟ ପରିସର ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟ ଅଫିସରେ ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ହଠାତ୍ ନିଆଁ ଲାଗିଥିଲା। କର୍ମଚାରୀମାନେ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ତେଣୁ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ଅଧିକାରୀ ପ୍ରସନ୍ନଜିତ ବେହେରା କର୍ମଚାରୀ ଓ ଦମକଳ ଗାଡ଼ି ଧରି ପହଞ୍ଚିଥିଲେ। ସେତେବେଳକୁ ପ୍ରକୋଷ୍ଠ ଭିତର ଧୂଆଁରେ ଭର୍ତ୍ତି ହୋଇଯାଇଥିଲା। କଲେଜ କର୍ମଚାରୀ ଧୂଆଁ ଯୋଗୁ ଭିତରକୁ ଯାଇପାରୁ ନ ଥିଲେ। ଅଗ୍ନିଶମ କର୍ମଚାରୀ ଚାବି ଖୋଲି ଭିତରକୁ ପାଣିମାଡ଼ କରିବାରୁ ଧୀରେ ଧୀରେ ନିଆଁ ଲିଭିଥିଲା। ତେବେ ସର୍ଟସର୍କିଟରୁ ଅଗ୍ନିକାଣ୍ଡ ହୋଇଥିବା ଅନୁମାନ କରାଯାଉଥିଲେ ହେଁ ଏହାର କାରଣ ସ୍ପଷ୍ଟ ଜଣାପଡ଼ି ନାହିଁ। ଏହି ଅଗ୍ନିକାଣ୍ଡରେ କିଛି ବହି ପୋଡ଼ି ଯାଇଛି। ସେହି ରୁମ୍‌ରେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ଏପରି କି ପ୍ରଶ୍ନପତ୍ର ମଧ୍ୟ ରହିଥିଲା। ଠିକଣା ସମୟରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇବାରୁ ସେ ସବୁ ସୁରକ୍ଷିତ ଥିବା ଜିଲ୍ଲା ଅଗ୍ନିଶମ ଅଧିକାରୀ କହିଛନ୍ତି।

### ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା

# ‘ଜୀବନର ଅସଲ ପରିଚୟ ପ୍ରଦାନ କରେ ଗୀତା’

**ପୁରୀ,୨୮।୧୨(ସମିସ)**

ଗୀତା ଆବୃତ୍ତି ଏକ ଦର୍ଶନ। ଗୀତାର ବାଣୀକୁ ନିଜ ଜୀବନରେ ଆପଣାଇବା ସୁଦର୍ଶନ। ସଫଳ ଜୀବନ ପାଇଁ ଭଗବତ ଗୀତା ଆବଶ୍ୟକ। ନିଜେ ଗୀତା ପଢ଼ିବା ସହିତ ଅନ୍ୟକୁ ମଧ୍ୟ ଗୀତା ପଢ଼ିବା ପାଇଁ ପ୍ରୋତ୍ସାହନ ଦେବା ଦରକାର। ଗୀତା ଆମର ରାଷ୍ଟ୍ରୀୟ ଗ୍ରନ୍ଥ ହେଉ ବୋଲି ପୂଜ୍ୟ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ ଗୁରୁବାର ହରିହରାନନ୍ଦ ଗୁରୁକୁଳମ୍‌ରେ ଅନୁଷ୍ଠିତ ଗୀତା ଆବୃତ୍ତି ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବ ଅବସରରେ କହିଛନ୍ତି। ମୁଖ୍ୟଅତିଥି ଭାବେ ଓଡ଼ିଶା ଶିକ୍ଷା ବିକାଶ ସମିତିର ସଭାପତି ଡ. କିଶୋର ଚନ୍ଦ୍ର ମହାନ୍ତି ଯୋଗଦେଇ ଅଧିକରୁ ଅଧିକ ମାତ୍ରାରେ ଯୋଗଦେବାକୁ ପିଲାମାନଙ୍କୁ ଉଦ୍‌ବୋଧନ ଦେଇଥିଲେ।

ଏଥିରେ ଗଜପତି ମହାରାଜା ଦିବ୍ୟସିଂହ ଦେବ କହିଥିଲେ ଯେ, ଜୀବନର ଅସଲ ପରିଚୟ ପ୍ରଦାନ କରେ ଗୀତା। ଆଗେ ଘରେ ଘରେ ଗୀତା ଜ୍ଞାନ ହେଉଥିଲା। ଇଂରେଜ ଶାସନ ଓ ଆଧୁନିକ ଶିକ୍ଷା ପ୍ରଭାବରେ ଏଥିରୁ ଦୂରେଇ ଗଲେ। ଏବେ ସରକାର ପାଠ୍ୟକ୍ରମରେ ସାଧାରଣ ପାଠ ୪୦ ପ୍ରତିଶତ ଓ ଆଧ୍ୟାତ୍ମିକ ପାଠ ୬୦ ପ୍ରତିଶତ ପଢ଼ାଇବା ଉଚିତ୍। ପୂଜ୍ୟ ସ୍ୱାମୀ ସମର୍ପଣାନନ୍ଦ ଗିରି ମହାରାଜ କହିଲେ, ଗୀତା ସମସ୍ତଙ୍କୁ ଶୃଙ୍ଖଳିତ କରି ରଖେ। ଗୀତା ମାନବ ସମାଜକୁ ସୁନ୍ଦର ଭାବେ ଗଢ଼ିବା ପାଇଁ ଏକ ବିଚାରଧାରା।

ଚଳିତବର୍ଷ ଗୀତାର ତୃତୀୟ ଅଧ୍ୟାୟ ‘କର୍ମଯୋଗ’ ଉପରେ ଆଧାର କରି ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚାରୋଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ଏକବର୍ଷ ପାଇଁ ବୃତ୍ତି ପ୍ରଦାନ କରାଯିବ। ବ୍ଲକ୍‌ସ୍ତରୀୟ ପ୍ରତିଯୋଗିତା ଓଡ଼ିଶାର ୩୦ ଜିଲ୍ଲାରୁ ମୋଟ ୧୬୦ଟି ସ୍ଥାନରେ ଅନୁଷ୍ଠିତ ହୋଇଥିଲା। ଏବର୍ଷ ମୋଟ ୭,୮୪୨ ଜଣ ପ୍ରତିଯୋଗୀ ଭାଗନେଇଥିଲେ। ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ୨୪୫ ଜଣ କୃତକାର୍ଯ୍ୟ ହୋଇ ଆସିଥିଲେ। ସେମାନଙ୍କ ମଧ୍ୟରୁ ୭୨ ଜଣ ପୁରସ୍କୃତ ହୋଇଛନ୍ତି। ଏତଦ୍‌ବ୍ୟତୀତ ଜଣେ ପ୍ରତିଯୋଗୀ ସମ୍ପୂର୍ଣ୍ଣ ଗୀତା ସ୍ମରଣ ରଖି ଆବୃତ୍ତି କରିଥିବାରୁ ସ୍ୱର୍ଣ୍ଣ ପୁରସ୍କାର ପ୍ରାପ୍ତ ହୋଇଛନ୍ତି। ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ୨୪ ଜଣ ବିଚାରକ ପରିଚାଳନା କରିଥିଲେ। ବୁଧବାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ସଦାଶିବ କ୍ୟାମ୍ପସର ଡାଇରେକ୍ଟର ପ୍ରଫେସର ଅତୁଲ ନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ବର୍ତ୍ତମାନ ବିପରୀତ ପରିସ୍ଥିତିରେ ଏତେସଂଖ୍ୟକ ଛାତ୍ରଛାତ୍ରୀ ଭାଗନେବା ବହୁତ ବଡ଼ କଥା। ଏହା ଏକ ସାରସ୍ୱତ ମହୋତ୍ସବ।




**ଗୀତା ଆମର ରାଷ୍ଟ୍ରୀୟ ଗ୍ରନ୍ଥ ହେଉ**

## ରାଜ୍ୟସ୍ତରୀୟ ଜୁନିୟର ହ୍ୟାଣ୍ଡବଲ୍ ଚାମ୍ପିଅନସିପ୍ ଆରମ୍ଭ



**ପୁରୀ,୨୮।୧୨(ସମିସ):** ପୁରୀ ଜିଲ୍ଲା ହ୍ୟାଣ୍ଡବଲ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଜିଲ୍ଲା ସ୍କୁଲ ପରିସରରେ ଗୁରୁବାର ରାଜ୍ୟସ୍ତରୀୟ ୨୯ତମ ଜୁନିୟର ବାଳକ ହ୍ୟାଣ୍ଡବଲ ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ବରିଷ୍ଠ ଦଇତାପତି ରାମକୃଷ୍ଣ ଦାସ ମହାପାତ୍ର, ରାଜ୍ୟ ବିଜେଡି ଉପସଭାପତି ଶୁଭାଶିଷ ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ କୈଳାସ ନାୟକ, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, କୃଷ୍ଣଚନ୍ଦ୍ର ପଣ୍ଡା, ଓଡ଼ିଶା ହ୍ୟାଣ୍ଡବଲ ଆସୋସିଏସନର ସମ୍ପାଦକ ମାନସ କୁମାର ସିଂ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଦୁଇଦିନ ଧରି ଚାଲିବାକୁ ଥିବା ଏହି ଚାମ୍ପିୟନଶିପ୍‌ରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୧୬ଟି ଟିମ୍ ଯୋଗଦେଇଛନ୍ତି। ଉଦ୍‌ଘାଟନୀ ମ୍ୟାଚ୍ ଆୟୋଜକ ପୁରୀ ଓ ଦେବଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପୁରୀ ୧୧-୩ ଗୋଲରେ ଦେବଗଡ଼କୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହୋଇଛି। ପ୍ରଥମ ଦିନରେ ମୋଟ ୭ଟି ମ୍ୟାଚ୍ ଖେଳାଯାଇଛି। ମ୍ୟାଚ୍‌ଗୁଡ଼ିକରେ ଜଗତ୍‌ସିଂହପୁର ୧୩-୯ରେ ଭୁବନେଶ୍ୱରକୁ, ଯାଜପୁର ୧୧-୧ରେ ଢେଙ୍କାନାଳକୁ, କେନ୍ଦୁଝର ୫-୦ରେ ନୟାଗଡ଼କୁ ବଲାଙ୍ଗୀର ୭-୩ରେ ଭଦ୍ରକକୁ, କେନ୍ଦୁଝର ୧୧-୩ରେ ଖୋର୍ଦ୍ଧାକୁ, ନୟାଗଡ଼ ୧୧-୪ ଗୋଲରେ କଟକକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ଯୋଗ୍ୟତା ଅର୍ଜନ କରିଛି। ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଦଳ ଆସନ୍ତା ଜାନୁୟାରୀ ୯ ତାରିଖରେ ରାଜସ୍ଥାନ ଜୟପୁରଠାରେ ଅନୁଷ୍ଠିତ ଜାତୀୟ ଜୁନିୟର ବାଳକ ହ୍ୟାଣ୍ଡବଲ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବେ। ରେଫରୀ ଭାବେ ରଶ୍ମିରଞ୍ଜନ ଓଝା, ତାପସ ସାହୁ, ଅନୀଲ ଜେନା, ଚନ୍ଦନ ପତ୍ରୀ, ମନୋରଞ୍ଜନ ଜେନା, ରାହିଲ ଖାନ୍, ସନ୍ଦୀପ ପାତ୍ର, ଦୀପକ ମହାନ୍ତି, ସିଲୁ ପାଲ୍, ବିଶ୍ୱରଞ୍ଜନ ପାତ୍ର, ଶୀନିବାସ ରାଉତ ପରିଚାଳନା କରିଥିଲେ।

# ବିଜେଡିରେ ମିଶିଲେ ବିଜେପି କର୍ମୀ

**ପୁରୀ/କୃଷ୍ଣପ୍ରସାଦ,୨୮।୧୨(ସମିସ)**



ବିଜୁ ଜନତା ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଶାସନ, ନୀତି ଆଦର୍ଶ ଓ ଜନକଲ୍ୟାଣକାରୀ ଯୋଜନାରେ ଅନୁପ୍ରାଣିତ ହୋଇ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ କୃଷ୍ଣପ୍ରସାଦ ବ୍ଲକର ଅନେକ ବିଜେପି କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ଗୁରୁବାର ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ (ମୁଖ୍ୟାଳୟ) ସଞ୍ଜୟ କୁମାର ଦାସବର୍ମାଙ୍କ ଉପସ୍ଥିତିରେ ମାଲୁଦର ସିଲୁ ଦାସ, ପ୍ରତାପ ପରିଡ଼ା, ଟୁଟୁ ପ୍ରଧାନ, ତିତିପ ପଞ୍ଚାୟତ ତିତିପ ଗ୍ରାମର ୩ ପରିବାର ଏବଂ ବଡ଼ଝାଡ଼ ପଞ୍ଚାୟତ ହାଡ଼ିବନ୍ଧୁ ତରେଇଙ୍କ ନେତୃତ୍ୱରେ ସିପିଆ, ବଡ଼ଝାଡ଼ ଗ୍ରାମର ୭ଟି ପରିବାର ଭାରତୀୟ ଜନତା ପାର୍ଟି ପରିତ୍ୟାଗ କରି ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ କୃଷ୍ଣପ୍ରସାଦ ବ୍ଲକ ବିଜୁ ଜନତା ଦଳ ସଭାପତି ଲକ୍ଷ୍ମୀଧର ସାହୁ, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ବିଜୟ କୁମାର ତରେଇ ପ୍ରମୁଖ ଉପସ୍ଥିତ ରହି ସ୍ୱାଗତ କରିଛନ୍ତି।

## ଅଦ୍ୱୈତର ବାର୍ଷିକ ଉତ୍ସବ

**ପୁରୀ,୨୮।୧୨(ସମିସ):** ସ୍ଥାନୀୟ ଗୋପବନ୍ଧୁ ଆୟୁର୍ବେଦ କଲେଜରେ ଅଦ୍ୱୈତ ଅନୁଷ୍ଠାନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ଅଧ୍ୟକ୍ଷ ପ୍ରଫେସର ଡ. ଅରୁଣ କୁମାର ଦାସ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଅନୁଷ୍ଠାନର ସଭାପତି ନିଳୀମା ଆଚାର୍ଯ୍ୟ ଏବଂ ଉପସଭାପତି ତପନ ମୁଦୁଲି ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ରୂପେ ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ଶୁଭାଶିଷ ଖୁଣ୍ଟିଆ, ପୂର୍ବତନ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ ଏବଂ ଭିନ୍ନକ୍ଷମ ଏବଂ ସାମାଜିକ ସୁରକ୍ଷା ବିଭାଗ ଅଧିକାରୀ ଯୋଗଦାନ କରିଥିଲେ। ଅନୁଷ୍ଠାନ ତରଫରୁ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅତିଥିମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ସହ ଅନୁଷ୍ଠାନ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ସଭା ଶେଷ କରାଯାଇଥିଲା। ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ତଥା ସମାଜସେବୀ ଏଥିରେ ଯୋଗଦାନ କରିଥିଲେ।

### କ୍ଷୁଦ୍ର ନିଯୁକ୍ତି ମେଳା

## ନିଯୁକ୍ତି ପାଇଁ ୨୭୦ ଆଶାୟୀ ଚୟନ

**ପୁରୀ,୨୮।୧୨(ସମିସ):** ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଗୁରୁବାର ପିପିଲି ମହାବିଦ୍ୟାଳୟ ପରିସରରେ ପୁରୀ ଜିଲ୍ଲାସ୍ତରୀୟ କ୍ଷୁଦ୍ର ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ୨୫ରୁ ଅଧିକ ନିଯୁକ୍ତି ଓ ତାଲିମଦାତା ସଂସ୍ଥା ଯଥା କଟକ ଆର୍ମୀ ଭର୍ତ୍ତି କାର୍ଯ୍ୟାଳୟ, ହୋଣ୍ଡା, ଡାକ୍ତର ରେଡ୍ଡି’ସ୍, ଆପାସ୍ କଂସଲଟାନ୍‌ସି, ଆଇସିଆଇ ବ୍ୟାଙ୍କ, ଶାହୀ ଏକ୍ସପୋର୍ଟ, ଗ୍ରାମ ତରଙ୍ଗ, ସ୍ୱତନ୍ତ୍ର, ଲାଇଫ୍ ଲାଇଟ୍ କ୍ୟାରିୟର ସଲ୍ୟୁସନ୍, ୱିନ୍‌ଷ୍ଟନ୍ ଇଣ୍ଡିଆ, ଆରୋଗ୍ୟ ହୋମ୍ କେର୍, ହୋଲିଡେ ରିସର୍ଟ ପୁରୀ, ୟଶଶ୍ୱୀ ଏକାଡେମୀ, କ୍ରେଡିଟ ଆସେସ୍ ଗ୍ରାମିନ୍ ଲିମିଟେଡ୍, ସିଆଇପିଇଟି ଆଦି ଯୋଗଦେଇଥିଲେ। ଚାକିରି ଅନ୍ୱେଷଣରେ ଥିବା ୫ମ ଶ୍ରେଣୀ ପାସ୍ ଓ ତଦୁର୍ଦ୍ଧ୍ୱ ସ୍କୁଲ, କଲେଜ (ଯୁକ୍ତ ୨ ଓ ଯୁକ୍ତ ୩), ଆଇଟିଆଇ, ଡିପ୍ଲୋମା ପାସ୍ କରିଥିବା ଏବଂ ଅଧାରୁ ପାଠ ଛାଡ଼ିଥିବା ଯୁବକ ଯୁବତୀ ଏଥିରେ ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବେ ପିପିଲି ବିଧାୟକ ରୁଦ୍ର ପ୍ରତାପ ମହାରଥୀ ଯୋଗଦେଇ ରାଜ୍ୟ ସରକାର ଯୁବବର୍ଗଙ୍କୁ କର୍ମ ନିଯୁକ୍ତି ଯୋଗାଇବା ସହ ସେମାନଙ୍କର ଦକ୍ଷତା ବିକାଶ ପାଇଁ ସମସ୍ତ ଉଦ୍ୟମ କରୁଛନ୍ତି, ଯାହାର ଅଂଶବିଶେଷ ଏହି ନିଯୁକ୍ତି ମେଳା ଓ ନୂଆ ଓ କାର୍ଯ୍ୟକ୍ରମ ବୋଲି କହିଥିଲେ। ପିଲାମାନେ ସେମାନଙ୍କ ଯୋଗ୍ୟତା, ଦକ୍ଷତା ଓ ପ୍ରତିଭା ଆଧାରରେ ନିଜର ପରିଚୟ ସୃଷ୍ଟି କରିବାକୁ ସେ ଆହ୍ୱାନ ଦେଇଥିଲେ।

ଜିଲ୍ଲା ନିଯୋଜନ ଅଧିକାରୀ ସୁବାସ ଚନ୍ଦ୍ର ବେହେରା ଏଥିରେ ଅଧ୍ୟକ୍ଷତା କରିବା ସହ ନିଯୁକ୍ତି ମେଳାର ଲକ୍ଷ୍ୟ ଉଦ୍ଦେଶ୍ୟ ଓ ସରକାରଙ୍କ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇ ଏହାଦ୍ୱାରା ପିଲାମାନଙ୍କ ବିକାଶ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିପିଲି ବ୍ଲକ ଅଧ୍ୟକ୍ଷା ଦେବସ୍ମିନୀ ନନ୍ଦ, ଉପାଧ୍ୟକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ସ୍ୱାଇଁ, ପିପିଲି ଏନ୍‌ଏସି ଅଧ୍ୟକ୍ଷ ଏସ୍.କେ. ବାବୁ, ମହାବିଦ୍ୟାଳୟ ଅଧ୍ୟକ୍ଷ ତପନ କୁମାର ଦାସ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ସେନା ଅଧିକାରୀ ମେଜର ହେମେନ୍ଦ୍ର ସିଂହ ଅତିଥି ଭାବେ ଯୋଗଦେଇ ଆଶାୟୀ ପ୍ରାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ କ୍ୟାପଟେନ ଆଦିତ୍ୟ ପ୍ରସାଦ ରଥ ପରିଚାଳନା କରିଥିଲେ। ମୋଟ ୬୫୦ ପିଲା ପଞ୍ଜୀକରଣ କରିଥିବା ବେଳେ ୨୭୦ ଆଶାୟୀ ପ୍ରାର୍ଥୀଙ୍କୁ ବିଭିନ୍ନ ସଂସ୍ଥା ନିଯୁକ୍ତି ଦେବା ପାଇଁ ଚୟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ନିଯୋଜନ କାର୍ଯ୍ୟାଳୟର ପୁଷ୍ପଲତା ପ୍ରଧାନ, ନିରାକାର ପ୍ରଧାନ, ବାମଦେବ ସାହୁ ପ୍ରମାଣ ସହଯୋଗ କରିଥିଲେ।

### ‘ହେ ଆଶ୍ଚର୍ଯ୍ୟ ପରମ ବିସ୍ମୟ’ ଲୋକାର୍ପିତ

## ‘ଶ୍ରୀକ୍ଷେତ୍ର ହିଁ ଏକମାତ୍ର ନିର୍ବାଣର କ୍ଷେତ୍ର’

**ପୁରୀ,୨୮।୧୨(ସମିସ):** ଶ୍ରୀକ୍ଷେତ୍ର ପୁସ୍ତକ ମେଳା ସାରସ୍ୱତ ମଞ୍ଚରେ ଗୁରୁବାର ସର୍ବୋଦୟ ସାହିତ୍ୟ ସଂସଦର ସାଧାରଣ ସଂପାଦକ ଇଂ. ମୀନକେତନଙ୍କ ଲିଖିତ ଆଧ୍ୟାତ୍ମିକ କବିତା ସଂକଳନ ‘ହେ ଆଶ୍ଚର୍ଯ୍ୟ ପରମ ବିସ୍ମୟ’ ଲବ୍ଧ ପ୍ରତିଷ୍ଠିତ ସାରସ୍ୱତ ସାଧକଙ୍କ କରକମଳରେ ଲୋକାର୍ପିତ ହୋଇଯାଇଛି। ଏଥିରେ ସଭାପତିତ୍ୱ କରିଥିଲେ ଓଡ଼ିଆ ଭାଷା ସାହିତ୍ୟର ପ୍ରବୀଣ ସମାଲୋଚକ ଓ ସମୀକ୍ଷକ ଡ. ସୁନିଲ୍ ରଥ। ଇଂ. ମିଶ୍ରଙ୍କ ଶବ୍ଦ ଓ ଭାବର ସମୀକ୍ଷା କରି ଡ. ରଥ କହିଥିଲେ ନୀଳ କନ୍ଦରର ନୀଳମଣି ମହାପ୍ରଭୁ ଜଗନ୍ନାଥ ହିଁ ବାସ୍ତବରେ ଆଶ୍ଚର୍ଯ୍ୟ ଈଶ୍ୱର। ସେ ମନୁଷ୍ୟ ପୁଣି ଦେବତା। ସେ ପ୍ରଣୟର ଅମୃତ ନିର୍ଝର। ସେ ସମଗ୍ର ବିଶ୍ୱଜୀବନର ସ୍ରଷ୍ଟା, ପ୍ରାଣକର୍ତ୍ତା, ନୈସର୍ଗିକ ଚେତନାର କେନ୍ଦ୍ରବିନ୍ଦୁ। ଶ୍ରୀକ୍ଷେତ୍ର ହିଁ ଏକମାତ୍ର ନିର୍ବାଣର କ୍ଷେତ୍ର। ଅନ୍ୟମାନଙ୍କ ମଧ୍ୟରେ ମଞ୍ଚାସୀନ ଥିଲେ କବୟିତ୍ରୀ ପ୍ରତିମା ମିଶ୍ର, ବିଜୟଲକ୍ଷ୍ମୀ ଦାସ ଓ କ୍ରିଷ୍ଣା ମହାପାତ୍ର। ପରେ ପରେ କବିତା ପାଠୋତ୍ସବ ମଞ୍ଚରେ ଉପସ୍ଥିତ ଥିଲେ ବିଶିଷ୍ଟ କବି ସନ୍ନ୍ୟାସୀ ନାୟକ ତଥା ଆଲୋକ ପ୍ରଧାନ। ସମୂହ ମଞ୍ଚରେ ସଞ୍ଚାଳନ ଦାୟିତ୍ୱ ନିର୍ବାହ କରିଥିଲେ ବିଶିଷ୍ଟ କବି ଶ୍ୟାମପ୍ରକାଶ ସେନାପତି।

### ଓଜେଏସ୍ ପରୀକ୍ଷାରେ ଦ୍ୱାଦଶ ସ୍ଥାନରେ ପୁରୀର ଶୁଭଶ୍ରୀ

## ‘ସମସ୍ତଙ୍କୁ ଉଚିତ୍ ନ୍ୟାୟ ରହିବ ପ୍ରାଥମିକତା’

**ପୁରୀ,୨୮।୧୨(ସମିସ):** ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ଓଡ଼ିଶା ଜୁଡିସିଆଲ ସର୍ଭିସ (ଓଜେଏସ୍) ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ କୃତକାର୍ଯ୍ୟ ହୋଇଛନ୍ତି ପୁରୀର ଝିଅ ଶୁଭଶ୍ରୀ ସୌମ୍ୟାକାନ୍ତି ପ୍ରଧାନ। ଦ୍ୱିତୀୟ ପ୍ରୟାସରେ ସଫଳତା ପାଇଥିବା ଶୁଭଶ୍ରୀ ପୁରୀ ବିଶ୍ୱମ୍ଭର ବିଦ୍ୟାପୀଠରୁ ମାଟ୍ରିକ୍ ପାସ୍ କରିଥିଲେ। ଆଇନ ପାଠ ପଢ଼ିବା ପାଇଁ ତାଙ୍କର ଇଚ୍ଛା ଥିବାବେଳେ ବାପାଙ୍କର ପ୍ରେରଣା ତାଙ୍କୁ ଏ ଦିଗରେ ଆଗକୁ ବଢ଼ିବାକୁ ଉତ୍ସାହିତ କରିଥିଲା। ତେଣୁ ଉତ୍କଳ ବିଶ୍ୱବିଦ୍ୟାଳୟରେ ଆଇନ ପାଠ ପଢ଼ିଥିଲେ। ଏବେ କଟକ ମଧୁସୂଦନ ଆଇନ ମହାବିଦ୍ୟାଳୟରେ ଏଲ୍‌ଏଲ୍‌ଏମ୍ କରୁଥିବା ଶୁଭଶ୍ରୀ ଓଜେଏସ୍ ପରୀକ୍ଷା ପାଇଁ ଦୈନିକ ୮ରୁ ୧୦ ଘଣ୍ଟା ସମୟ ଦେଉଥିଲେ। ଏବେ କୃତକାର୍ଯ୍ୟ ହୋଇଛନ୍ତି। ସଫଳତାର ଶ୍ରେୟ ସେ ପ୍ରଥମେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦେଇଛନ୍ତି। ଏଥିସହ ବାପା, ମା’, ସାଙ୍ଗସାଥୀଙ୍କୁ ମଧ୍ୟ ସଫଳତାର ଶ୍ରେୟ ଦେଇଛନ୍ତି ଶୁଭଶ୍ରୀ। ଓଜେଏସ୍‌ରେ କୃତକାର୍ଯ୍ୟ ହୋଇଥିବା ନେଇ ବେଶ୍ ଖୁସିଥିବା ଶୁଭଶ୍ରୀ କହିଛନ୍ତି, ସମସ୍ତଙ୍କୁ କିପରି ଉଚିତ୍ ନ୍ୟାୟ ମିଳିପାରିବ ତାହା ତାଙ୍କର ପ୍ରାଥମିକତା ରହିବ। ବିଶେଷକରି ଅନେକ ଗରିବ ଲୋକ ନ୍ୟାୟ ପାଇବା ପାଇଁ ହଇରାଣ ହୋଇଥାନ୍ତି। ସେମାନଙ୍କୁ କିପରି ଅନ୍ୟମାନଙ୍କ ଭଳି ସମାନ ନ୍ୟାୟ ପାଇବେ ତାଙ୍କ କ୍ଷମତା ପରିଧି ମଧ୍ୟରେ ଏହା ପ୍ରଦାନ ପାଇଁ ଚେଷ୍ଟା କରିବେ ବୋଲି କହିଛନ୍ତି ଶୁଭଶ୍ରୀ।



# ମେଳା ମଞ୍ଚରେ ମଠ ଆଲୋଚନା




**ପୁରୀ,୨୮।୧୨(ସମିସ)**

ଶରଧାବାଲିଠାରେ ଚାଲିଥିବା ଶ୍ରୀକ୍ଷେତ୍ର ପୁସ୍ତକ ମେଳା ମଞ୍ଚରେ ଗୁରୁବାର ଉତ୍କଳ ବିଦ୍ୱତ୍ ପରିଷଦ ଆନୁକୂଲ୍ୟରେ “ଶ୍ରୀକ୍ଷେତ୍ରର ପାରମ୍ପରିକ ମଠର ସ୍ଥିତି ଓ ଭବିଷ୍ୟତ’ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଶ୍ରୀବିଗ୍ରହଙ୍କ ନିକଟରେ ପୁଷ୍ପ ଓ ଦୀପ ଅର୍ପଣ ପୂର୍ବକ ଆରମ୍ଭ ହୋଇଥିଲା କାର୍ଯ୍ୟକ୍ରମ। ଡ. ନନ୍ଦିଘୋଷ ମହାପାତ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏଥିରେ ନେବଳ ଦାସ ମଠର ମହନ୍ତ ଡ. ରାମଚରଣ ଦାସ ମହାରାଜ, ରାଧାବଲ୍ଲଭ ମଠ ମହନ୍ତ ରାମକୃଷ୍ଣ ଦାସ ମହାରାଜ, ଉତ୍ତରପାର୍ଶ୍ୱ ମଠ ମହନ୍ତ ନାରାୟଣ ରାମାନୁଜ ଦାସ ମହାରାଜ, ଅନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ରିସର୍ଚ୍ଚ ଇନ୍‌ଷ୍ଟିଟ୍ୟୁଟ ପୁରୀ ଅଧ୍ୟକ୍ଷ ଡ. ଭାସ୍କର ମିଶ୍ର, ବରିଷ୍ଠ ଅଧିବକ୍ତା ଅଶୋକ କୁମାର ମହାପାତ୍ର, ଐତିହ୍ୟ ସଂରକ୍ଷଣ ପରିଷଦ ସମ୍ପାଦକ ଦେବୀପ୍ରସନ୍ନ ନନ୍ଦ, ଆଇନ ସହାୟତା କେନ୍ଦ୍ର ପୁରୀର ନିର୍ଦ୍ଦେଶିକା ଜୟଶ୍ରୀ ମହାପାତ୍ର ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଡ. ଭାସ୍କର ମିଶ୍ରଙ୍କ ରଚିତ ଦିବ୍ୟାନୁଭୂତି ପୁସ୍ତକ ଲୋକାର୍ପଣ ହୋଇଥିଲା। ଉତ୍କଳ ବିଦ୍ୱତ୍ ପରିଷଦର ସମ୍ପାଦକ ବିଜୟକୃଷ୍ଣ ବ୍ରହ୍ମା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ବ୍ୟାଖ୍ୟା କରିଥିଲେ। ପଣ୍ଡିତ ଦୟାନିଧି ପଣ୍ଡା ବେଦପାଠ କରିଥିଲେ। ପରିଷଦର ଅଧ୍ୟକ୍ଷ ମନୋଜ ରଥ ଅଧ୍ୟକ୍ଷତା କରିଥିବାବେଳେ ପଣ୍ଡିତ ବିରଞ୍ଚି ନାରାୟଣ ମିଶ୍ର ଧନ୍ୟବାଦ ଦେଇଥିଲେ।

### ନିର୍ମାଣ ଶ୍ରମିକ ସହାୟତା ଶିବିର

# ୧,୦୨୩ ଶ୍ରମିକଙ୍କୁ ୬.୨୫ କୋଟି ଟଙ୍କା ପ୍ରଦାନ

**ପୁରୀ,୨୮।୧୨(ସମିସ)**



ରାଜ୍ୟ ଶ୍ରମ ବିଭାଗ ଓ ଶ୍ରମିକ କଲ୍ୟାଣ ବୋର୍ଡ ସହାୟତାରେ ସ୍ଥାନୀୟ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଗୁରୁବାର ପୁରୀ ସଦର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ନିର୍ମାଣ ଶ୍ରମିକ ସହାୟତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ପୌରପାଳିକା ଓ ପୁରୀ ସଦର ଅଞ୍ଚଳର ମୋଟ ୧,୦୨୩ ଶ୍ରମିକଙ୍କୁ ୬ କୋଟି ୨୫ ଲକ୍ଷ ୯୩ ହଜାର ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ଏହା ମଧ୍ୟରେ ୧୩୪ ଜଣ ଶ୍ରମିକଙ୍କ ପିଲାଙ୍କ ଉଚ୍ଚ ଶିକ୍ଷା ପାଇଁ ୬,୮୮,୦୦୦, ୫୫୦ ଜଣଙ୍କୁ ବିବାହକାଳୀନ ୨,୭୧,୭୫,୦୦୦, ୧୭୩ ଜଣଙ୍କୁ ମୃତ୍ୟୁକାଳୀନ ୩,୩୯,୦୦,୦୦୦ ଏବଂ ୧୬୬ ଜଣଙ୍କ ଅନ୍ତିମ ସତ୍କାର ପାଇଁ ୮,୩୦,୦୦୦ ଟଙ୍କାର ଆର୍ôଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ସେହିପରି ନୂତନ ଭାବେ ୧୬୦ ଜଣ ଶ୍ରମିକଙ୍କୁ ପଞ୍ଜିକୃତ କରାଯାଇଛି। ଅଣ ସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ୪ ଜଣ ଶ୍ରମିକଙ୍କ ପରିବାରକୁ ମୃତ୍ୟୁକାଳୀନ ୪,୦୦,୦୦୦ ଟଙ୍କା ପ୍ରଦାନ କରାଯାଇଛି। ଆୟୋଜିତ ଉତ୍ସବରେ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା, ବିଧାୟକ ଜୟନ୍ତୀ ଷଡ଼ଙ୍ଗୀ, ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲୀପ ମହାପାତ୍ର, ଶ୍ରମଆୟୁକ୍ତ, ଜିଲ୍ଲା ଶ୍ରମ ଅଧିକାରୀ ଚୌଧୁରୀ ସୁବ୍ରତ କୁମାର ଜେନା, ଅତିରିକ୍ତ ବିଡିଓ ପ୍ରମୁଖ ଯୋଗଦେଇଥିଲେ। ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଜବ୍‌କାର୍ଡ ପାଇଥିବା ଶ୍ରମିକ ମଧ୍ୟ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିବେ। ପୁରୀ ଜିଲ୍ଲାରେ ବିଭିନ୍ନ ବ୍ଲକରେ ଶ୍ରମିକଙ୍କୁ ସଚେତନ କରାଇବା ସହ ଏଭଳି ଶିବିର ଆୟୋଜନ କରାଯିବ ବୋଲି ସୂଚନା ଦିଆଯାଇଛି।

## ଡଲ୍‌ଫିନ୍ ସୁରକ୍ଷା ପାଇଁ ଚିଲିକାରେ ପାଟ୍ରୋଲିଂ କଡ଼ାକଡ଼ି




**ପୁରୀ,୨୮।୧୨(ସମିସ):** ଚିଲିକାରେ ବିଦେଶାଗତ ପକ୍ଷୀ ଏବଂ ଡଲ୍‌ଫିନ ଏବେ ପର୍ଯ୍ୟଟକଙ୍କ ପ୍ରମୁଖ ଆକର୍ଷଣ ପାଲଟିଛି। ତେଣୁ ଚିଲିକାରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିଛି। କିଛି ପର୍ଯ୍ୟଟକ ବନ୍ୟପ୍ରାଣୀ ଆଇନକୁ ଉଲ୍ଲଂଘନ କରୁଛନ୍ତି। ତେଣୁ ସାତପଡ଼ା ବନ ବିଭାଗ ପକ୍ଷରୁ ଡଲଫିନ୍ ଓ ବିଦେଶାଗତ ପକ୍ଷୀଙ୍କ ସୁରକ୍ଷା ପାଇଁ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଛି। ଆଗକୁ ନୂଆବର୍ଷ। ଚିଲିକାକୁ ପର୍ଯ୍ୟଟକଙ୍କ ସଂଖ୍ୟା ଆହୁରି ବଢ଼ିବ। ଏହାକୁ ନଜରରେ ରଖି ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ସାତପଡ଼ା ରେଞ୍ଜର ରାଜହଂସ, ମୁହାଣ, ମାଗରମୁଖ ଅଞ୍ଚଳରେ ବନ ବିଭାଗ କର୍ମଚାରୀ ପଇଁତରା ମାରୁଛନ୍ତି। ନିର୍ଦ୍ଦିଷ୍ଟ ଦୂରତାରେ ପର୍ଯ୍ୟଟକମାନଙ୍କୁ ଡଲ୍‌ଫିନ ଦେଖାଇବାକୁ ଡଙ୍ଗା ଚାଳକଙ୍କୁ ବୁଝାଇବା ସହ ଡଲ୍‌ଫିନଙ୍କ ସୁରକ୍ଷା ପ୍ରତି ନଜର ରଖୁଛନ୍ତି।

### ଜିଲ୍ଲା ମହୋତ୍ସବ, ପଲ୍ଲିଶ୍ରୀ ଓ ପୁସ୍ତକ ମେଳା ଉଦ୍‌ଯାପିତ

# ଦ୍ରୁତ ବିକାଶ ପଥରେ ଆଗଉଛି ନୟାଗଡ଼ ମାଟି





**ନୟାଗଡ଼, ୨୮।୧୨(ସମିସ):**

ନୟାଗଡ଼ ଜିଲ୍ଲା ମହୋତ୍ସବ, ପଲ୍ଲିଶ୍ରୀ ଓ ପୁସ୍ତକ ମେଳା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ବେହେରା, ଜିଲ୍ଲାପାଳ ରବୀନ୍ଦ୍ର ନାଥ ସାହୁ, ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ରବୀନ୍ଦ୍ର ନାଥ ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୂଚାରୁ କୁମାର ବଳ ପ୍ରମୁଖ ଯୋଗଦେଇଥିଲେ। ନୟାଗଡ଼ ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ କବି ଗୋପୀନାଥ ସେଠୀ ଏବଂ ସ୍ମିତା ସ୍ୱାଇଁ ସଂଯୋଜନା କରିଥିଲେ। ବିଡିଓ ପଦ୍ମଚରଣ ସାହୁ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ନୟାଗଡ଼ ମାଟି ହେଉଛି ଜ୍ଞାନୀ ଓ ଗୁଣୀଙ୍କ ମାଟି ବୋଲି କହିବା ସହ ଏହି ମାଟିରେ ପଠାଣି ସାମନ୍ତ ଓ ରଘୁ-ଦିବାକାରଙ୍କ ଭଳି ବ୍ୟକ୍ତିତ୍ୱ ଜନ୍ମ ନେଇଛନ୍ତି। ଭାଇଚାରା ଓ ଶାନ୍ତି ଶୃଙ୍ଖଳା ବଜାୟ ରହୁ ବୋଲି କହିଥିଲେ। ଜିଲ୍ଲାର କଳା, ସଂସ୍କୃତି ଓ ନିପୁଣତାକୁ ଗୋଟିଏ ମଞ୍ଚରେ ପରିପ୍ରକାଶ କରିବା ହେଉଛି ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଜିଲ୍ଲା ପରିଷଦ ଅଧ୍ୟକ୍ଷ ତାଙ୍କ ବକ୍ତବ୍ୟରେ କହିଥିଲେ। ୫୩୨ ଜଣ ବ୍ୟବସାୟୀ ଜିଲ୍ଲା ମହୋତ୍ସବରେ ଯୋଗଦେଇଥିବା ବେଳେ ୨୧୨ ଜଣ ମହିଳା ମହୋତ୍ସବକୁ ସଫଳ କରିବାରେ ସହଯୋଗ କରିଛନ୍ତି। ମହୋତ୍ସବ ସହ ପୁସ୍ତକ ମେଳା ଆୟୋଜନ ଏକ ନିଆରା ପରିକଳ୍ପନା ଦ୍ୱାରା ବୋଲି ଅଧ୍ୟକ୍ଷ କହିଥିଲେ। ପୁରାଣ ଓ ଇତିହାସକୁ ଉଖୁରେଇଲେ ଉତ୍ସବ ଓ ମହୋତ୍ସବ ଆୟୋଜିତ ହେଉଥିବା ନେଇ ପ୍ରମାଣ ମିଳେ ବୋଲି ମୁଖ୍ୟଅତିଥି କହିଥିଲେ। ବ୍ରିଟିଶ୍ ଶାସନ ସମୟରେ ସଂସ୍କୃତି ଉପରେ ପ୍ରହାର ପଡ଼ିଥିଲା। ସ୍ୱାଧୀନତା ସଂଗ୍ରାମୀମାନେ ସଂସ୍କୃତିକୁ ବଞ୍ଚାଇବାକୁ ଅନେକ ପ୍ରୟାସ କରିଛନ୍ତି। ସ୍ୱାଧୀନ ଭାରତରେ ପାଶ୍ଚାତ୍ୟ ପ୍ରଭାବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଭାବିତ ହେବାକୁ ଲାଗିଲା। ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବ ଆମ ସଂସ୍କୃତିକୁ ଗିଳିବାକୁ ବସିଥିବା ବେଳେ ଲୋକକଳା, ଲୋକ ସାହିତ୍ୟକୁ ଉଜ୍ଜିବୀତ କରିବାକୁ ଉତ୍ସବ ଓ ମହୋତ୍ସବ ମାଧ୍ୟମରେ ପ୍ରୟାସ ଆରମ୍ଭ ହେଲା। କୋରାପୁଟ ପରବଠାରୁ ଆରମ୍ଭ କରି ବିଭିନ୍ନ ଜିଲ୍ଲାରେ ମହୋତ୍ସବ ମାଧ୍ୟମରେ କଳା, ସାହିତ୍ୟ ଓ ସଂସ୍କୃତିକୁ ବଞ୍ଚାଇବା ପାଇଁ ଆୟୋଜନ କରାଯାଉଛି। ଯିଏ କଳାକୁ ନିଶା କରିଛି, ସେଠି ପେଷା ହାରିବାର ନାହିଁ ବୋଲି କହିଥିଲେ। ଆଜିକାର ଦିନରେ ମହୋତ୍ସବର ମାଧୁର୍ଯ୍ୟ ବଢ଼ିଛି। ନୟାଗଡ଼ ମହୋତ୍ସବ ପଲ୍ଲିଶ୍ରୀ ମେଳାରେ ୨ କୋଟି ଟଙ୍କାର ବ୍ୟବସାୟ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ଓଡ଼ିଶାକୁ ଗୋଟେ ସୋପାନରେ ପହଞ୍ଚାଇଛି। ଦ୍ରୁତ ବିକାଶ ପଥରେ ନୟାଗଡ଼ ମାଟି ଆଗଉଛି। ନୟାଗଡ଼ ମାଟି ନବଉନ୍ମେଷର ମାଟି ବୋଲି ବିଧାୟକ କହିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ରଣପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ନିର୍ମଳା ବେହେରା, ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଉପସଭାପତି ମୌସୁମୀ ସାହୁ, ଓଡ଼ଗାଁ ବ୍ଲକ ଉପାଧ୍ୟକ୍ଷା ମୀରା ନାୟକ, ରଣପୁର ବ୍ଲକ ଉପାଧ୍ୟକ୍ଷ ପ୍ରଭାତ କୁମାର ଦଳବେହେରା, ଜିଲ୍ଲା ପରିଷଦ ସଦସ୍ୟ ସୁଶାନ୍ତ କୁମାର ସାହୁ, ବିଜୟ କୁମାର ସାମନ୍ତରାୟ, ରଜନୀରାଣୀ ପଟ୍ଟନାୟକ, ଲକ୍ଷ୍ମୀପ୍ରିୟା ତରେଇ, ଜ୍ୟୋତ୍ସ୍ନାମୟୀ ଦଳବେହେରା ପ୍ରମୁଖ ଯୋଗଦେଇଥିଲେ। ଶେଷ ସନ୍ଧ୍ୟାରେ ନୟାଗଡ଼ ରକ୍‌ଷ୍ଟାର୍ ଅନୁଷ୍ଠାନ ଦ୍ୱାରା ନୟାଗଡ଼ ବନ୍ଦନା ସଙ୍ଗୀତ ଉପରେ ନୃତ୍ୟ ପ୍ରଦର୍ଶନ ଅନୁଷ୍ଠିତ ହୋଇଥିଲା। ପୁରୀ ନୃତ୍ୟଭୂମି ଡ୍ୟାନ୍ସ ଏକାଡେମୀ ଦ୍ୱାରା ଗୋଟିପୁଅ ନୃତ୍ୟ ପରିବେଷଣ ହୋଇଥିଲା। ସିନେ ତାରକା ପୁନମ୍ ମିଶ୍ର ସାଂସ୍କୃତିକ ସନ୍ଧ୍ୟାକୁ ସରଗରମ କରିଥିବା ବେଳେ କଣ୍ଠଶିଳ୍ପୀ ଦିପ୍ତିରେଖା ଓ ସାଥିଙ୍କ ଦ୍ୱାରା ମେଲୋଡ଼ି ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଜିଲ୍ଲା ମହୋତ୍ସବ ପକ୍ଷରୁ ପରିବେଶବିତ୍ ରଞ୍ଜନ କୁମାର କର, ସଙ୍ଗୀତ ନିର୍ଦ୍ଦେଶକ ପ୍ରାଣକୃଷ୍ଣ ମହାରଣା, ଆଇନଜୀବୀ ସଲିଳ ପ୍ରଧାନ, ସ୍ୱେଚ୍ଛାସେବୀ ତଥା ସାମ୍ବାଦିକ ରାମକୃଷ୍ଣ ରଥ, ଜାତୀୟସ୍ତରର ହକି ରେଫରୀ ଗୌତମ ନାୟକ, ସମାଜସେବୀ ତଥା ଶବ ସଂସ୍କାରକ ନୀଳମଣି ଭଟ୍ଟ ଓ ଉମାକାନ୍ତ ମହାପାତ୍ର, ଯଦୁମଣୀଙ୍କ ଅଣନାତି ତଥା ପ୍ରଚାରକ ରୋହନ ମହାପାତ୍ର, ସାୟନ୍ତ୍ରୀ ଦାଶ, ରଥଯାତ୍ରା ଉଦଘୋଷକ ବିରଞ୍ଚି ନାରାୟଣ ତ୍ରିପାଠୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁବାଷ ଚନ୍ଦ୍ର ପଣ୍ଡା, ନୟାଗଡ଼ ଏସ୍‌ଡିପିଓ ସ୍ନେହାଶିଷ ସାହୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

**● ମହୋତ୍ସବ ମଞ୍ଚରେ ସାହିତ୍ୟ ସଭା**

## ‘ସାହିତ୍ୟ ସମାଜରେ ବୈପ୍ଲବିକ ପରିବର୍ତ୍ତନ ଆଣେ’

**ନୟାଗଡ଼:** ଜିଲ୍ଲା ପ୍ରଶାସନର ପୃଷ୍ଠପୋଷକତା ଓ ନୟାଗଡ଼ ଜିଲ୍ଲା ଲେଖକ ପରିଷଦ ଏବଂ ପୁସ୍ତକ ମେଳା କମିଟିର ସହଭାଗିତାରେ ଜିଲ୍ଲା ମହୋତ୍ସବର ଅନ୍ତିମ ଦିବସରେ ମହୋତ୍ସବ ମଞ୍ଚରେ ସାହିତ୍ୟ ସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ଆଜିର ସାହିତ୍ୟ ସଭାରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ରେଭେନ୍ସା ବିଶ୍ୱ ବିଦ୍ୟାଳୟର ପ୍ରାକ୍ତନ ଓଡ଼ିଆ ବିଭାଗ ମୁଖ୍ୟ ଡ. ଗୌରାଙ୍ଗଚରଣ ଦାଶ, ଜିଲ୍ଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକ ଯୋଗଦେଇ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସାହିତ୍ୟ ଓ ଭାଷା ମଣିଷକୁ ଜୀବନ୍ତ କରିବା ସହିତ ସମାଜରେ ବୈପ୍ଲବିକ ପରିବର୍ତ୍ତନ ଆଣେ। ଜିଲ୍ଲା ଲେଖକ ପରିଷଦର ସମ୍ପାଦକ ଶେଖ ଅବ୍ଦୁଲ ଖାଲିକ୍‌ଙ୍କ ସଂଯୋଜନାରେ ଅନୁଷ୍ଠିତ ସାହିତ୍ୟ ସଭାରେ ପରିଷଦର ସଭାପତି ପ୍ରଧାନୀ ବୃନ୍ଦାବନ ମହାପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ଅଧ୍ୟାପିକା ଜୟଶ୍ରୀ ଦେବୀ ଓ କାଦମ୍ବିନୀ ମହାପାତ୍ର କବିତା ସଂଯୋଜନା କରିଥିଲେ। ପରିଶେଷରେ ପୁସ୍ତକ ମେଳା କମିଟିର ସମ୍ପାଦକ ସଞ୍ଜୟ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥିଙ୍କୁ ପୁଷ୍ପଗୁଚ୍ଛ, ଉପଢ଼ୌକନ ଓ ଫଳକ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଆଜିର ସାହିତ୍ୟ ସଭାରେ ଶତାଧିକ କବି ଓ କବିୟିତ୍ରୀ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ସାହିତ୍ୟ ସଭା ପରେ ପୁସ୍ତକ ମେଳାର ବହି ଷ୍ଟଲ୍ ପକାଇଥିବା ପ୍ରକାଶକଙ୍କୁ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଜିଲ୍ଲା ଲେଖକ ପରିଷଦ ତରଫରୁ ନୟାଗଡ଼ ଜିଲ୍ଲା ପୁସ୍ତକ ମେଳା କମିଟିର ସମ୍ପାଦକ ସଞ୍ଜୟ କୁମାର ସ୍ୱାଇଁଙ୍କୁ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା।

## ବାଇକ୍ ଧକ୍କାରେ ଜଣେ ମୃତ ଓ ୧ ଗୁରୁତର

ଖଣ୍ଡପଡ଼ା, ୨୮।୧୨(ସମିସ): ବନମାଳିପୁର ପଞ୍ଚାୟତ ଅଧୀନ ବାହାଡ଼ା ନିକଟ ରାମଚନ୍ଦ୍ରପ୍ରସାଦଠାରେ ବାଇକ୍ ଧକ୍କାରେ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ଗୁରୁତର ଥିବାରୁ ତାଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନାନୁଯାୟୀ, ଟାଟା ପାୱାର କର୍ମଚାରୀ ଅଶୋକ କୁମାର ପାଲ୍ କାର୍ଯ୍ୟକ୍ଷେତ୍ରକୁ ଯାଉଥିବା ବେଳେ ରାମଚନ୍ଦ୍ରପ୍ରସାଦ ପେଟ୍ରୋଲ ପମ୍ପ ନିକଟରେ ଅପରପାର୍ଶ୍ୱରୁ ବୁଲେଟ୍ ଯୋଗେ ଆସୁଥିବା ବାହାଡା ଗ୍ରାମର ବାଦଲ ପ୍ରଧାନଙ୍କ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଅଶୋକଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ସ୍ଥାନୀୟ ଲୋକେ ତାଙ୍କୁ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅପରପକ୍ଷେ ବାଦଲର ଅବସ୍ଥା ସଙ୍କଟାପନ୍ନ ହେବାରୁ ପ୍ରଥମେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ ଭୁବନେଶ୍ୱର ଆମ୍ରି ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି। ଫତେଗଡ଼ ପୁଲିସ ମୃତଦେହକୁ ଜବତ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ପଦ୍ମାବତୀ ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ଶିବିର

**ଖଣ୍ଡପଡ଼ା, ୨୮।୧୨(ସମିସ):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ପଦ୍ମାବତୀ ପ୍ରହଲ୍ଲାଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶୀତକାଳୀନ ଏନ୍‌ଏସ୍‌ଏସ୍ ଶିବିର ଉଦ୍‌ଯାପିତ ହୋଇଯାଇଛି। ସାତ ଦିନ ବ୍ୟାପୀ ଏହି ଶିବିର ବ୍ଲକ ଶାସନ ପଞ୍ଚାୟତ ରଗଡ଼ିପଡ଼ା ଗ୍ରାମରେ ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ୨୫ ଜଣ ବାଳକ ଓ ୨୫ ଜଣ ବାଳିକା ଭାଗ ନେଇଥିଲେ। ସେମାନେ ଗ୍ରାମରେ ନିଶା ନିବାରଣ, ଯୌତୁକ ନିରୋଧ ସଚେତନତା, ପ୍ଲାଷ୍ଟିକ ବର୍ଜନ, ନାରୀ ଶିକ୍ଷା, ନାରୀ ସଶକ୍ତିକରଣ ତଥା ବିଭିନ୍ନ ସମାଜ ସଂସ୍କାର ବିଷୟରେ ଜନସାଧାରଣଙ୍କୁ ସଚେତନ କରିଥିଲେ। ପ୍ରୋଗ୍ରାମ ଅଫିସର ବିନୟ କୁମାର ସାହୁଙ୍କ ନେତୃତ୍ୱରେ ରାସ୍ତା, ପୋଖରୀ, ମନ୍ଦିର ପରିସର ସଫା କରି ଗ୍ରାମବାସୀଙ୍କ ପ୍ରଶଂସା ସାଉଣ୍ଟିଥିଲେ। ଅଧ୍ୟାପିକା କୃଷ୍ଣପ୍ରିୟା ମହାନ୍ତି, ଅଧ୍ୟାପକ ରବୀନ୍ଦ୍ର କୁମାର ମଲ୍ଲ, ପ୍ରସନ୍ନ କୁମାର ପାଇକରାୟ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷା ପୂର୍ଣ୍ଣିମା ଷଡ଼ଙ୍ଗୀ ଯୋଗଦେଇ ଛାତ୍ରଛାତ୍ରୀଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ସହ ସୁନାଗରିକ ହେବାକୁ ଉପଦେଶ ଦେଇଥିଲେ।

## ବୃଦ୍ଧ ନିଖୋଜ; ଚିନ୍ତାରେ ପରିବାର

ଓଡ଼ଗାଁ, ୨୮ ।୧୨ (ସମିସ): ଓଡ଼ଗାଁ ଏନ୍‌ଏସି ଉପକଣ୍ଠରେ ଥିବା ବାହାଡ଼ାପିଠା ଗ୍ରାମର ସଂସାରୀ ନାହାକ(୬୦) ଗତ ୨୬ ତାରିଖ ସକାଳୁ କେଉଁଆଡେ ଚାଲି ଯାଇଛନ୍ତି। ଏନେଇ ତାଙ୍କ ସ୍ତ୍ରୀ ଉମା ନାହାକ ଗୁରୁବାର ଦିନ ସକାଳେ ଅଭିଯୋଗ କରିଥିବା ବେଳେ ସଂସାରୀ ନିଖୋଜ ଘଟଣା ଥାନାରେ ପଞ୍ଜିକୃତ ହୋଇଛି। ସଂସାରୀ ଚାଲିଯିବା ପରେ ପରିବାର ଲୋକ, ବନ୍ଧୁବାନ୍ଧବ ଏବଂ ଚିହ୍ନା ଜଣା ଜାଗା ସହିତ ଭୁବନେଶ୍ୱର, ବ୍ରହ୍ମପୁର ବସଷ୍ଟାଣ୍ଡ ଓ ରେଳଷ୍ଟେସନ ଇତ୍ୟାଦି ସ୍ଥାନରେ ଖୋଜାଖୋଜି କରି କୌଣସି ସୂଚନା ନପାଇ ବାଧହୋଇ ଓଡ଼ଗାଁ ଥାନାରେ ଅଭିଯୋଗ କରିଥିଲେ। ସଂସାରୀ ଜଣେ ଅନୁସୂଚିତ ଜାତିର ଗରିବ ଲୋକ ହୋଇଥିବାରୁ ତାଙ୍କୁ ତୁରନ୍ତ ଖୋଜି ଆଣିବାରେ ପ୍ରଶାସନ ସହଯୋଗ କରିବା ପାଇଁ ସେ ଆଶା ରଖିଛନ୍ତି।

## ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ



**ନୟାଗଡ଼, ୨୮।୧୨(ସମିସ):** ଦୁର୍ଗାମଣ୍ଡପ ପଡ଼ିଆଠାରେ ଆଜି ଲଳିତ କଳା ଏକାଡେମୀ ପକ୍ଷରୁ ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ ସହଯୋଗରେ ରାଜ୍ୟରେ ଚିତ୍ରକଳାର ବହୁଳ ପ୍ରଚାର ଓ ପ୍ରସାର ପାଇଁ ଏକାଡେମୀ ଦ୍ୱାରା ସଂଗୃହୀତ ବହୁ ବରିଷ୍ଠ ଓ ଯୁବ ଶିଳ୍ପୀଙ୍କ ଚିତ୍ରକଳାଗୁଡ଼ିକୁ ନେଇ ଏକ ଭ୍ରାମ୍ୟମାଣ ପ୍ରଦର୍ଶନୀ ଆରମ୍ଭ ହୋଇଛି। ଏହାକୁ ଜିଲ୍ଲାପାଳ ରବୀନ୍ଦ୍ର ନାଥ ସାହୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ଲଳିତ କଳାର ବହୁଳ ପ୍ରଚାର ଓ ପ୍ରସାର ପାଇଁ ତଥା ଶିଳ୍ପୀଙ୍କର କଳାକୃତୀ ଯେପରି ରାଜ୍ୟର ଜନସାଧାରଣ, ଛାତ୍ରଛାତ୍ରୀ ଦେଖିବାର ସୁଯୋଗ ପାଇ ପାରିବେ ଏବଂ ଓଡ଼ିଶାର ସବୁ ଜିଲ୍ଲାରେ ଚିତ୍ରକଳାର ପ୍ରଚାର ଓ ପ୍ରସାର କିପରି ଅଧିକ ହୋଇପାରିବ ସେଥିପାଇଁ ଏକାଡେମୀ ତରଫରୁ ଏକ ପ୍ରୟାସ କରାଯାଉଛି। ଉକ୍ତ ପ୍ରଦର୍ଶନୀରେ ୪୦ଟି ଚିତ୍ରକଳା ସ୍ଥାନ ପାଇଛି। ଉଦ୍‌ଘାଟନୀ ଉତ୍ସବ ଅବସରରେ ଏକାଡେମୀର କାର୍ଯ୍ୟକରୀ ସଦସ୍ୟ ଶ୍ୟାମସୁନ୍ଦର ମେହେର, ବରିଷ୍ଠ ଶିଳ୍ପୀ ଗଜେନ୍ଦ୍ର ପ୍ରସାଦ ସାହୁ, ସରୋଜ କୁମାର ମହାପାତ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ଟଙ୍କଧର ଭୋଇ, ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥ ପ୍ରମୁଖ ଉପସ୍ଥିତ ଥିଲେ।

### ଦୟାନିଧି ସାହୁ, ବାସନ୍ତୀ ମଞ୍ଜରୀ ମେମୋରିଆଲ କ୍ରିକେଟ କପ୍

# ଫାଇନାଲ୍‌ରେ ବିଏସ୍‌ସି ସୁକିନ୍ଦା ଓ ଆର୍‌ଏସ୍‌ସିଏ କଟକ



**ଗଣିଆ, ୨୮।୧୨(ସମିସ):** ଗଣିଆ ବ୍ଲକ ଅନ୍ତର୍ଗତ ବେଲପଡ଼ା ପାଟଣାର ଶ୍ରୀ ରଘୁନାଥଜୀଉ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ୪୭ତମ ଦୟାନିଧି ଓ ବାସନ୍ତୀ ମଞ୍ଜରୀ ମେମୋରିଆଲ କ୍ରିକେଟ କପ୍‌ର ଗୁରବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ କ୍ରିକେଟ କ୍ଲବ ଓ କଟକ କ୍ରିକେଟ କ୍ଲବ ମଧ୍ୟରେ ସ୍ଥାନୀୟ ଦଧିବାମନଜୀଉ ହାଇସ୍କୁଲ ଖେଳପଡ଼ିଆରେ ମ୍ୟାଚ୍ ହୋଇଥିଲା। ମୁଖ୍ୟଅତିଥି ଭାବେ ଗଣିଆ ସାମ୍ବାଦିକ ସଂଘର ସମ୍ପାଦକ କମଳ ଲୋଚନ ଦଳେଇ ଓ ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ସଂଘର ଉପଦେଷ୍ଟା କୈଳାଶ ଚନ୍ଦ୍ର ସାହୁ, ସୁରେଶ କୁମାର ସାହୁ, ପ୍ରତାପ କୁମାର ରାଉତ ଯୋଗଦାନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମ୍ୟାଚ୍‌ରେ କଟକ କ୍ରିକେଟ କ୍ଲବ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଢେଙ୍କାନାଳ କ୍ରିକେଟ କ୍ଲବ ନିର୍ଦ୍ଧାରିତ ୧୮ ଓଭରରେ ୫ ଉଇକେଟ ହରାଇ ୨୦୧ ରନ କରିବାରେ ସକ୍ଷମ ହୋଇଥିଲା। ଏହାର ଜବାବରେ କଟକ କ୍ରିକେଟ କ୍ଲବ ୧୫ ଓଭରରେ ୫ ଉଇକେଟ ହରାଇ ୨୦୫ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। କଟକ କ୍ରିକେଟ କ୍ଲବର ମୃତ୍ୟୁଞ୍ଜୟ ମାନସିଂ ଧୁଆଁଧାର ବ୍ୟାଟିଂ କରି ୨୮ ବଲରେ ୭ଟି ଛକା ଓ ୬ଟି ଚୌକା ଜରିଆରେ ୭୧ ରନ କରିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଆଜିର ମ୍ୟାଚକୁ ତ୍ରିଲୋଚନ ବସ୍ତି ଓ ସମୀର କୁମାର ମହାପାତ୍ର ପରିଚାଳନା କରିଥିଲେ। ଆସନ୍ତାକାଲି ଫାଇନାଲ ମ୍ୟାଚ କଟକ କ୍ରିକେଟ କ୍ଲବ ଓ ସୁକିନ୍ଦା କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ କ୍ଲବ ପକ୍ଷରୁ ସୂଚନା ମିଳିଛି।

**● ପଞ୍ଚମ ଓଡ଼ଗାଁ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ**

## ଫାଇନାଲ୍‌ରେ ଗଣ୍ଡରପୁର ଭୁବନେଶ୍ୱର ଟିମ୍

**ଓଡ଼ଗାଁ, ୨୮।୧୨(ସମିସ):** ସ୍ଥାନୀୟ ମିନି ଷ୍ଟାଡିୟମଠାରେ ଚାଲିଥିବା ୫ମ ଓଡ଼ଗାଁ କପ୍ ସର୍ବଭାରତୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିନାଲ ମ୍ୟାଚ୍‌ରେ ୟୁନାଇଟେଡ୍ ସ୍ପୋର୍ଟସ କ୍ଲବ୍ ବରଗଡ଼କୁ ୨-୧ ଗୋଲ୍‌ରେ ଗଣ୍ଡରପୁର ଟିମ୍, ଭୁବନେଶ୍ୱର ହରାଇ ଫାଇନାଲ୍‌ରେ ପ୍ରବେଶ କରିଛି। ଗୁରୁବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ବେଶ୍ ସଂଘର୍ଷପୂର୍ଣ୍ଣ ଓ ରୋମାଞ୍ଚକ ହୋଇଥିବା ବେଳେ ଅନ୍ତିମ ସମୟରେ ବିବାଦୀୟ ପରିସ୍ଥିତି ଦେଖିବାକୁ ମିଳିଥିଲା। ଖେଳର ପ୍ରଥମାର୍ଦ୍ଧର ୫ମ ମିନିଟରେ ବରଗଡ଼ ଦଳ ପକ୍ଷରୁ ୫ନଂ ଜର୍ସି ବିଶ୍ୱ ଭୋଇ ପ୍ରଥମ ଗୋଲ୍ ସ୍କୋର କରି ଦଳକୁ ମଜଭୁତ କରିଥିଲେ। ତେବେ ଗଣ୍ଡରପୁର ଦଳ ପକ୍ଷରୁ ଗୋଲ୍‌କୁ ସୁଝାଇବା ପାଇଁ ଆକ୍ରମଣାତ୍ମକ ଖେଳ ଜାରି ମଧ୍ୟରେ ପ୍ରଥମାର୍ଦ୍ଧ ସମୟ ସରିଥିଲା। ଖେଳର ଦ୍ୱିତୀୟାର୍ଦ୍ଧର ୩୭ ମିନିଟ୍‌ରେ ଗଣ୍ଡରପୁରର ୧୦ନଂ ଜର୍ସି ଆକାଶ ଓରାମ ଓ ୪୨ତମ ମିନିଟରେ ୭ନଂ ଜର୍ସି ଚନ୍ଦନ ନାୟକ କ୍ରମାଗତ ୨ ଗୋଟି ଗୋଲ୍ କରି ଦଳକୁ ମଜଭୁତ୍ ସ୍ଥିତିରେ ପହଁଞ୍ଚାଇଥିଲେ। ଗୋଲ୍‌କୁ ସୁଝାଇବା ପାଇଁ ବରଗଡ଼ ଦଳ ଲାଗି ରହିଥିଲେ। ହେଲେ ମ୍ୟାଚ୍ ସରିବାକୁ ୨ ମିନିଟ ସମୟ ବାକି ରହିଥିବା ବେଳେ ରେଫରୀଙ୍କ ନିଷ୍ପତ୍ତି ଉପରେ ଅସନ୍ତୋଷ ବ୍ୟକ୍ତ କରି ବରଗଡ଼ ଦଳର ଖେଳାଳି ପଡ଼ିଆ ଛାଡି ଚାଲି ଯାଇଥିଲେ। ଯାହା ଫଳରେ ଜୁରୀ କମିଟିଙ୍କ ନିଷ୍ପତ୍ତି ଅନୁଯାୟୀ ଗଣ୍ଡରପୁର ଦଳ ବିଜୟୀ ଘୋଷିତ ହୋଇଥିଲେ। ଆଜିର ଖେଳକୁ ଚୁନୁ ସିଂ ପରିଚାଳନା କରିଥିବା ବେଳେ ରାଜୁ ମହାନ୍ତି, ଜଗନ୍ନାଥ ପରିଡ଼ା, ଶଶୀକାନ୍ତ ଦାସିଆ, ମନୋରଞ୍ଜନ ରାଉତ ଲାଇନ୍‌ରେ ସହାୟତା କରିଥିଲେ। ଆଜିର ମ୍ୟାଚ୍‌ରେ ଯୁବ ସଂଗଠକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥିରୂପେ ଯୋଗଦେଇ ଥିବାବେଳେ ବିଶିଷ୍ଟ ଅତିଥି ଭାବରେ ଓଡ଼ଗାଁ ବିଡିଓ ଜିତେନ୍ଦ୍ର କୁମାର ନାୟକ, ଆଦର୍ଶ ଥାନା ଏସ୍‌ଆଇ ଚକ୍ରଧର ସିଂ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶ୍ରେଷ୍ଠ ଖେଳାଳି ଭାବରେ ୭ନଂ ଜର୍ସି ଚନ୍ଦନ ନାୟକଙ୍କୁ ଜାତୀୟ କ୍ରୀଡ଼ାରେ ବ୍ରୋଞ୍ଜ ପଦକ ବିଜେତା ବର୍ଷାରାଣୀ ସାହୁ ପୁରସ୍କାର ଓ ଟ୍ରଫି ପ୍ରଦାନ କରିଥିଲେ। ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ସମାଜସେବୀ ବିଭୁପ୍ରସାଦ ସାହୁ, କ୍ରୀଡ଼ାବିତ୍ ଦିବାକର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସୁଶାନ୍ତ ପାତ୍ର, ନରେଶ ପାଣିଗ୍ରାହୀ ଧାରା ବିବରଣୀ ପ୍ରଦାନ କରିଥିଲେ। ଦିଲ୍ଲୀପ କୁମାର ମାର୍ଥା, ନାରାୟଣ ମହାପାତ୍ର, ସୁନୀଲ ପଲେଇ, ତାପସ ରଞ୍ଜନ ମହାନ୍ତି, ଜୟକୃଷ୍ଣ ଜେନା, କେଦାରଚନ୍ଦ୍ର ସାହୁ ସହଯୋଗ କରିଥିଲେ। ଶୁକ୍ରବାର ଟୁର୍ଣ୍ଣାମେଣ୍ଟର ୨ୟ ସେମିଫାଇନାଲ ଜଗା ୟୁନାଇଟେଡ୍ ଭୁବନେଶ୍ୱର ଓ ୟଙ୍ଗ ଉତ୍କଳ କଟକ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟିରୁ ସୂଚନା ମିଳିଛି।



## ‘ଯୁବ ଓଡ଼ିଶା ନବୀନ ଓଡ଼ିଶା’ ଉଦ୍‌ଯାପିତ



**ଖଣ୍ଡପଡ଼ା, ୨୮।୧୨(ସମିସ):**

ଖଣ୍ଡପଡ଼ା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଓଡ଼ିଶା ସରକାରଙ୍କ ‘ନୂଆ-ଓ’ ‘ଯୁବ ଓଡ଼ିଶା ନବୀନ ଓଡ଼ିଶା’ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ସ୍ମିତା ଶେଫାଳି ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଖଣ୍ଡପଡ଼ା ତହସିଲଦାର ଧୋବେଇ ନାୟକ ଯୋଗଦେଇ ପାଠ ପଢ଼ିବା ସହିତ ବିଭିନ୍ନ ସାମାଜିକ କ୍ଷେତ୍ରରେ ନିଜକୁ ପରିଚିତ କରିବା ପାଇଁ ଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ତଥା ସ୍ତମ୍ଭକାର ଗିରିଜାଶଙ୍କର ତରାଶିଆ, ସମ୍ମାନିତ ଅତିଥି ଭାବେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିରଞ୍ଜନ ଧଳ, ଏବିଡିଓ ସୁବାସ ଚନ୍ଦ୍ର ସେଠୀ, ଭାପୁର ଗୋଷ୍ଠୀ ଚିକିତ୍ସା ଅଧିକାରୀ ଡ. ପ୍ରଦୀପ କୁମାର ପାଇକରାୟ, ନୋଡାଲ ଅଧିକାରୀ ଅଧ୍ୟାପିକା କୃଷ୍ଣପ୍ରିୟା ମହାନ୍ତି ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ସଭାକାର୍ଯ୍ୟ ପରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପିକା ବିଶ୍ୱଭାରତୀ ମହାରଣା ଏବଂ ନିବେଦିତା ପଟ୍ଟନାୟକ ସଂଯୋଜନା କରିଥିଲେ। ଅଧ୍ୟାପକ ଅଜିତ କୁମାର ବସନ୍ତରାଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

**ନୂଆଗାଁ:** ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ମାଳିସାହି ଗତିଶ୍ୱର ସ୍ନାତକ ମହାବିଦ୍ୟାଳୟରେ ‘ଯୁବ ଓଡ଼ିଶା ଓ ନବୀନ ଓଡ଼ିଶା’ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ପରିଚାଳନା କମିଟିର ସଭାପତି ପ୍ରଧାନୀ ବୃନ୍ଦାବନ ମହାପାତ୍ର ମୁଖ୍ୟବକ୍ତା, ମହାବିଦ୍ୟାଳୟର ପ୍ରତିଷ୍ଠାତା ଅଲେଖ ବେହେରା ମୁଖ୍ୟ ଅତିଥି, ପରିଚାଳନା କମିଟି ପୂର୍ବତନ ସଭ୍ୟା, ତବୁରିନ୍ ବିବି ଓ ଦୃତିବାମନ ବେହେରା ସମ୍ମାନିତ ଅତିଥି ଭାବରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଉକ୍ତ ସଭାରେ ସଭାପତିତ୍ୱ କରିଥିବା ବେଳେ ନୂଆ ଓ ଯୁବ ଓଡ଼ିଶାର ନୋଡାଲ ଅଫିସର ସୁଶାନ୍ତ କୁମାର ମାଝୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭାଗୀୟ ମୁଖ୍ୟ ପ୍ରମୋଦ ପ୍ରଧାନ, ଅରୁଣିମା ମିଶ୍ର ସଭାରେ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ‘ନୂଆ-ଓ’ ‘ଯୁବ ଓଡ଼ିଶା ନବୀନ ଓଡ଼ିଶା’ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥିଙ୍କ ଦ୍ୱାରା ରକ୍ତଦାତାମାନଙ୍କୁ ମାନପତ୍ର ପ୍ରଦାନ ସହ ସମାଜ ସେବା ଓ କ୍ରୀଡ଼ା କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ କପ୍ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ପରିଶେଷରେ ଛାତ୍ରଛାତ୍ରୀ ନାଟକ ‘ଅଗ୍ନିଶିଖା’ ବିଜୟ କୁମାର ବିଶ୍ୱାଳ ଶିକ୍ଷା ବିଭାଗ ଡେମୋଜେଷ୍ଟରଙ୍କ ନିର୍ଦ୍ଦେଶନାରେ ଅଭିନିତ କରିଥିଲେ। କ୍ରୀଡ଼ା ବିଭାଗର ଶିକ୍ଷକ ପ୍ରଶାନ୍ତ କୁମାର ବେହେରା ଅଧ୍ୟାପକ ଜ୍ୟୋତିରଞ୍ଜନ ଭୂୟାଁ ଏଥିରେ ସହଯୋଗ କରିଥିଲେ। ଅଧ୍ୟାପିକା ସୁଜାତା ନିଶଙ୍କରାୟ, ବିଜୟଲକ୍ଷ୍ମୀ ସାହୁ, କନକଲତା ସ୍ୱାଇଁ ସଭାକାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ମହାବିଦ୍ୟାଳୟର କର୍ମଚାରୀ, ସୁରଥ ପ୍ରଧାନ, ସୁଦର୍ଶନ ବରାଡ଼, ପ୍ରମୋଦ ବିଶ୍ୱାଳ, ସନ୍ତୋଷ ମହାପାତ୍ର, ପ୍ରକାଶ ମାର୍ଥା, ମମତା ବିଶ୍ୱାଳ ଓ ଅନ୍ୟମାନେ ଏଥିରେ ସହଯୋଗ କରିଥିଲେ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା



ଖୋର୍ଦ୍ଧା, ୨୮।୧୨(ସମିସ): ଖୋର୍ଦ୍ଧା ପୌରାଞ୍ଚଳ ଅନ୍ତର୍ଗତ ୧୧ ଓ ୧୨ ନମ୍ବର ୱାର୍ଡରେ ଆଜି ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କୋଠାବାଡ଼ି ନିର୍ମାଣ ତଥା ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ଏହି ଜନସମ୍ପର୍କ ପଦଯାତ୍ରାରେ ଯୋଗଦେଇ ରାଜ୍ୟ ସରକାରଙ୍କର ବିଭିନ୍ନ ଜନହିତକର କାର୍ଯ୍ୟ ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇଥିଲେ। ସ୍ଥାନୀୟ ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ରଙ୍କ ନେତୃତ୍ୱରେ ୧୧ ନମ୍ବର ୱାର୍ଡର ଟିଙ୍କୁଲ ପଟ୍ଟନାୟକ ଏବଂ ୧୨ ନମ୍ବର ୱାର୍ଡର କାଉନସିଲର ତଥା ପୌର ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଜନସମ୍ପର୍କ ପଦଯାତ୍ରାରେ ରାଜ୍ୟ ସାଧାରଣ ସମ୍ପାଦକ ତଥା ପର୍ଯ୍ୟବେକ୍ଷକ କୈଳାସ ପାତ୍ରଙ୍କ ସମେତ ଜିଲ୍ଲାପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂହ, ପୌରାଧ୍ୟକ୍ଷା କନକ ଲକ୍ଷ୍ମୀ ମହାନ୍ତି, ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ସମାଜସେବୀ ତଥା ମହିଳା ମହାବିଦ୍ୟାଳୟର ପରିଚାଳନା ସମିତି ସଭାପତି ମମତା ଦେ, କାଉନସିଲର ପ୍ରବୀଣା ଜଗଦ୍ଦେବ, ଅଜିତ୍ ମହାପାତ୍ର, ବିଜୁ ଯୁବ ଜନତା ଦଳ ରାଜ୍ୟ ଉପସଭାପତି ରୁଦ୍ରନାଥ ଦତ୍ତ, ନଗର ସଭାପତି ମହମ୍ମଦ ଆରିଫ, ଡିଜିଟାଲ ସେକ୍ରେଟାରୀ ନୂପୁର ସାମନ୍ତସିଂହାରଙ୍କ ସମେତ ଶତାଧିକ ମହିଳା, ଯୁବ, ଛାତ୍ର ଯୋଗ ଦେଇଥିଲେ।

## ବାଲିପାଟପୁରରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

ଟାଙ୍ଗୀ, ୨୮।୧୨(ସମିସ): ଟାଙ୍ଗୀ ବ୍ଲକ ଅଧୀନସ୍ଥ ବାଲିପାଟପୁର ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ ୩ଟି ପ୍ରକଳ୍ପର କାର୍ଯ୍ୟ ସମିତିସଭ୍ୟ ଲକ୍ଷ୍ମୀଧର ବେହେରାଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇଛି। ବିଶେଷ କରି ବାଲିପାଟପୁର ଶରଣାର୍ଥୀ କଲୋନୀ ଅଞ୍ଚଳରେ ଏହି ପ୍ରକଳ୍ପଗୁଡ଼ିକ ଆରମ୍ଭ କରାଯାଇଛି। ବାଲିପାଟପୁର କଲୋନୀର ରକ୍ଷାକାଳୀ ମଣ୍ଡପ ଯୋଗୁ ଭୂଷଣ୍ଡପୁର ଫାଣ୍ଡି ରାସ୍ତାକାମ ବନ୍ଦ ରହିଥିଲା। କିନ୍ତୁ ବାଲିପାଟପୁର ରିଫ୍ୟୁଜୀ ହାଇସ୍କୁଲର ପରିଚାଳନା କର୍ତ୍ତୃପକ୍ଷ ରାସ୍ତା ପାଇଁ କିଛି ଜମି ଛାଡ଼ିବାରୁ ମଣ୍ଡପ କାର୍ଯ୍ୟ ଆରମ୍ଭ ହୋଇଛି। ଏଥିପାଇଁ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜାନରେ ୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ସେହିପରି ବଜାର ସାହିର ଗୋଷ୍ଠୀକେନ୍ଦ୍ର ନିର୍ମାଣ ପାଇଁ ୪ ଲକ୍ଷ ଟଙ୍କା ଓ ବାଲିପାଟପୁର କଲୋନୀ ସଭାଗୃହ ନିର୍ମାଣ ପାଇଁ ୨ଲକ୍ଷ ୫୦ହଜାର ଟଙ୍କା ମଞ୍ଜୁର ହୋଇଛି।

### ପାଇପ୍ ଉପରେ ଢଳେଇ

# ସଙ୍କୁଚିତ ରାସ୍ତାକୁ ନେଇ ବଢ଼ୁଛି ଅସନ୍ତୋଷ

ଖୋର୍ଦ୍ଧା/ବେଗୁନିଆ, ୨୮।୧୨(ସମିସ)



ବେଗୁନିଆ ବ୍ଲକ ନିକଟରୁ ଧାନଘର ନୂଆଗାଁ ଏବଂ ସୁଆଁଳ ଦେଇ ଯାଇଥିବା ଗ୍ରାମ୍ୟଉନ୍ନୟନ ରାସ୍ତାରେ ଥିବା ଏକ ଶଙ୍ଖ ଉପରେ ପାଇପ୍ ପକାଇ ତା' ଉପରେ ଢଳେଇ କରାଯିବା ଯୋଗୁଁ ରାସ୍ତା ସଙ୍କୁଚିତ ହୋଇଯାଇଛି। ଫଳରେ ଯାତାୟାତରେ ଅସୁବିଧା ଯୋଗୁଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମାଣ କରାଯାଇଥିବା ଏହି ରାସ୍ତାରେ ଦୈନନ୍ଦିନ ହଜାର ହଜାର ସଂଖ୍ୟାରେ ଜନସାଧାରଣଙ୍କ ସହିତ ବହୁ ଭାରୀଯାନ ଯାତାୟାତ କରିଥାଏ। ସବୁ ସମୟରେ ଏହି ରାସ୍ତାରେ ଜନଗହଳି ଲାଗିରହିଥାଏ। ଏହି ରାସ୍ତାଟି ବୋଲଗଡ଼, ନୟାଗଡ଼, ବାଙ୍କୀ ଏବଂ କଣ୍ଟିଲୋକୁ ସଂଯୋଗ କରୁଛି। ତେଣୁ ଏହି ରାସ୍ତା ସର୍ବସାଧାରଣରେ ଗୁରୁତ୍ୱ ବହନ କରିଥାଏ। ବେଗୁନିଆ ଧାନଘର ନୂଆଗାଁ ମଝିରେ ଥିବା ଏକ ଶଙ୍ଖ ଉପରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ତରଫରୁ ବଡ଼ ବଡ଼ ପାଇପ୍ ପକାଯାଇ ପାଇପ୍ ଉପରେ ଢଳେଇ କରାଯାଇଛି। ବର୍ଷା ଦିନେ ଏହି ଶଙ୍ଖ ତଳେ ଯା ଆସ କରୁଥିବା ପାଣି ଯୋଗୁଁ ରାସ୍ତା ଉପରକୁ ପାଣି ଚାଲି ଆସିଥାଏ। ଲୋକମାନେ ଅସୁବିଧା ଭୋଗ କରିବା ଯୋଗୁଁ ତାକୁ ଆଖି ଆଗରେ ରଖି ଏହି ଶଙ୍ଖଟି ନିର୍ମାଣ କରାଯାଇଥିଲା। କିନ୍ତୁ ଏବେ ସେହିଠାରେ ପାଇପ୍ ପକାଇ ତା' ଉପରେ ଢଳେଇ କରା ଯିବା ଫଳରେ ଲୋକଙ୍କର ସମସ୍ୟା ଆହୁରି ବଢ଼ିଯାଇଛି।

ଏହି ଶଙ୍ଖଟି ଏକ ମୋଡ଼ଣୀ ଜାଗାରେ ଥିବା ଯୋଗୁଁ ଏଠାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ରାସ୍ତା ସମ୍ପର୍କରେ କୌଣସି ସତର୍କ ସୂଚନା ଦିଆଯାଇନାହିଁ। ଫଳରେ ସମ୍ପୃକ୍ତ ସ୍ଥାନରେ ଯେଉଁଥିପାଇଁ ବହୁ ଦୁର୍ଘଟଣା ଘଟିଥାଏ। ମେଗା ଜଳ ଯୋଗାଣ ପାଇଁ ପ୍ରଥମେ ସେଠାରେ ୫୦୦ ଏମ୍ଏମ୍ ପାଇପ ପକାଇ ରାସ୍ତା ଅବରୋଧ କରାଯାଇଥିଲା। ପାଇପ୍ ପକାଇବାର ପ୍ରାୟ ଏକ ବର୍ଷ ପରେ ଏବେ ତା' ଉପରେ ବହୁ ଉଚ୍ଚ ଏବଂ ଲମ୍ବା ଢଳେଇ ଦେବା ଯୋଗୁଁ ରାସ୍ତାଟି ସଙ୍କୁଚିତ ହୋଇଯାଇଛି। ଫଳରେ ରାସ୍ତା ଉପର ଦେଇ ଗାଡ଼ିମୋଟର ଯାତାୟାତ କ୍ଷେତ୍ରରେ ବହୁ ସମସ୍ୟା ଦେଖା ଦେଉଛି। ଦୁର୍ଘଟଣା ମଧ୍ୟ ଘଟୁଛି। ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ଏଭଳି କାର୍ଯ୍ୟକୁ ରାସ୍ତାରେ ଯାଉଥିବା ଜନସାଧାରଣ ନାପସନ୍ଦ କରିଛନ୍ତି। ଜନସାଧାରଣ ଏବଂ ଗାଡ଼ିମଟର ଯାତାୟାତ ପାଇଁ ରାସ୍ତା ଉଦ୍ଦିଷ୍ଟ ଥିବାବେଳେ ରାସ୍ତା ଉପରେ ପାଇପ୍ ପକାଇ ତା' ଉପରେ ଢଳେଇ କରି ରାସ୍ତାକୁ ସଙ୍କୁଚିତ କରିବା ବୋଧହୁଏ ଏପରି ପ୍ରଥମ ଘଟଣା ଏଠାରେ ଦେଖିବାକୁ ମିଳିଛି ବୋଲି ସ୍ଥାନୀୟ ଜନସାଧାରଣ ମତ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ଧାନଘର ନୂଆଗାଁ ଗ୍ରାମର ଜନସାଧାରଣ ବିଭଗୀୟ କନିଷ୍ଠ ଯନ୍ତ୍ରୀ ଦେଖା କରି ଅଭିଯୋଗ କରିଥିଲେ। ସେ ସହକାରୀ ଯନ୍ତ୍ରୀ ରଜନୀକାନ୍ତ ପାଣିଗ୍ରାହୀଙ୍କ ସହ ଆଲୋଚନା କରି ଢଳେଇ ଭଙ୍ଗାଯିବ ବୋଲି କହିଥିଲେ। ଏନେଇ କନିଷ୍ଠ ଯନ୍ତ୍ରୀ ସରିତା ଦାଶଙ୍କୁ ପଚାରିବାରେ ସେ ଢଳେଇ ଭଙ୍ଗାଯିବ ବୋଲି କହିଥିଲେ, କିନ୍ତୁ ରାସ୍ତା ଉପରୁ ପାଇପ୍ ଉଠାଯିବ ନାଁ ନାହିଁ ସେ ସମ୍ପର୍କରେ କିଛି କହି ପାରିନଥିଲେ। କିନ୍ତୁ ଢଳେଇ ହେବାର ୧୦/୧୫ ଦିନ ଅତିକ୍ରାନ୍ତ ହୋଇଗଲାଣି। ଏନେଇ ଲୋକମାନଙ୍କ ଅଭିଯୋଗ ପରେ ବି ତାହା ଆଜି ପର୍ଯ୍ୟନ୍ତ ଭଙ୍ଗା ଯାଇନାହିଁ।

### ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନୀ କାର୍ଯ୍ୟକ୍ରମ

## ଚାମର ସେବା ପ୍ରଦାନ କରିବ ପାଲା ଗାୟକ ପରିଷଦ



ଭୂଷୁଣ୍ଡପୁର, ୨୮।୧୨(ସମିସ): କୋଟି ଓଡ଼ିଆଙ୍କ ମଉଡ଼ମଣୀ ଶ୍ରୀଜଗନ୍ନାଥଙ୍କ ମନ୍ଦିରର ଶୋଭା ବର୍ଦ୍ଧନ ପାଇଁ ନିର୍ମାଣ କରାଯାଉଥିବା ପରିକ୍ରମା ପ୍ରକଳ୍ପର ଉଦ୍‌ଘାଟନ ଆସନ୍ତା ଜାନୁଆରୀ ୧୭ ତାରିଖରେ ହେବାକୁ ଥିବାବେଳେ ଏଥିରେ ଅଂଶଗ୍ରହଣ କରିବାକୁ ବିଭିନ୍ନ ମଠ ମନ୍ଦିରକୁ ମନ୍ଦିର ପ୍ରଶାସନ ତରଫରୁ ନିମନ୍ତ୍ରଣ କରାଯାଇଛି। ଉକ୍ତ ପବିତ୍ର କାର୍ଯ୍ୟକ୍ରମରେ ଶ୍ରୀ ନୀଳାଚଳ ନିଖିଳ ଉତ୍କଳ ପାଲା ଗାୟକ ପରିଷଦର ଅଖଣ୍ଡ ପୁରୀ ଜିଲ୍ଲା ସଂଗଠନ ଅଂଶଗ୍ରହଣ କରି ଚାମର ମୃଦଙ୍ଗ ସେବା କରିବାକୁ ମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁଙ୍କୁ ଅନୁରୋଧପତ୍ର ଦେଇଛନ୍ତି। ପୁରୀର ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ସମୟରୁ ଗଜପତି ମହାରାଜା ପାଲା ଗାୟକଙ୍କୁ ଚାମର ପ୍ରଦାନ କରିଥିବାର ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଉଗ୍ରତାରା ମଣ୍ଡଳ ସଭାପତି ରବୀନ୍ଦ୍ର ସାମନ୍ତରାୟ, ଅଖଣ୍ଡ ପୁରୀଜିଲ୍ଲା ସମ୍ପାଦକ ଲମ୍ବୋଦର ବେହେରାଙ୍କ ସମେତ ଉପଦେଷ୍ଟା ବିରଞ୍ଚି ନାରାୟଣ ପ୍ରଧାନ ଉପସ୍ଥିତ ଥିଲେ।

## ଶିଶୁ ଅନୁକୂଳ ପଞ୍ଚାୟତ ଗଠନ ପ୍ରଶିକ୍ଷଣ ଶିବିର



ବେଗୁନିଆ, ୨୮।୧୨(ସମିସ): ବେଗୁନିଆ ପଞ୍ଚାୟତ ସମିତି କାର୍ଯ୍ୟାଳୟର ସଭା ଗୃହରେ ଶିଶୁ ଅନୁକୂଳ ପଞ୍ଚାୟତ ଗଠନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି। ଏଥିରେ ମଣ୍ଡଳ ଉନ୍ନୟନ ଅଧିକାରୀ ଲକ୍ଷ୍ମୀଧର ସାହୁ, ପଞ୍ଚାୟତ ଉନ୍ନୟନ ଅଧିକାରୀ ନୀଳକଣ୍ଠ ମାନସିଂହ ଓ ପ୍ରଶିକ୍ଷକ ମାୟାଧର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ଶିଶୁ ସମ୍ପର୍କିତ ପ୍ରସଙ୍ଗ ଉପରେ ୨୧ଟି ପଞ୍ଚାୟତର ସରପଞ୍ଚ/ନାଏବ ସରପଞ୍ଚ, ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନବାଡ଼ି କର୍ମୀ, ପିଇଓ, ଶିକ୍ଷକ ଓ ଜିଆରଏସ୍‌ମାନେ ତାଲିମ ଗ୍ରହଣ କରିଥିଲେ।

# କେରଙ୍ଗରେ ଖାଦ୍ୟ ସାମଗ୍ରୀ ବଣ୍ଟନ

ଖୋର୍ଦ୍ଧା, ୨୮।୧୨(ସମିସ): ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କେରଙ୍ଗ ପଞ୍ଚାୟତ ଅନ୍ତର୍ଗତ ସମସ୍ତ ୬ଟି ଅଙ୍ଗନବାଡ଼ି କେନ୍ଦ୍ରରେ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା ଦ୍ୱାରା ସମସ୍ତ କିଶୋରୀ ବାଳିକା, ଓ ଗର୍ଭବତୀ ପ୍ରସୂତିମାନଙ୍କୁ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ ମାତୃ କମିଟିର ସମସ୍ତ ସଭ୍ୟ/ସଭ୍ୟାଙ୍କ ଉପସ୍ଥିତିରେ ଆରତୀ ନାୟକ, ଯାଞ୍ଚ କମିଟିର ସଭାପତି ସୌକତ ଅଲ୍ଲୀ, ଏସ୍‌ଏଚ୍‌ଜି ମହିଳା ଜ୍ୟୋତ୍ସ୍ନା ନାଏକ, ନଇମା ବେଗମ, ଆକୁଳ ବରାଳ, ଦେବ ପୃଷ୍ଟି, ତାହର ଅହମଦ, ଯହୁରୁଦ୍ଦିନ, ସରପଞ୍ଚ ମବ୍ବର୍ ହୋସେନ୍, ନାଇବ ସରପଞ୍ଚ ଝିଲି ସ୍ୱାଇଁ, ୱାର୍ଡସଭ୍ୟ ଅଲ୍ଲାଉଦିନ ଖାଁ, ଗଜାଲି ସୁଲତାନ, ନମିତା ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି ପିଲାମାନଙ୍କୁ ଖାଦ୍ୟ ସାମଗ୍ରୀ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଅଭିଭାବକଙ୍କ ସମେତ ଅଙ୍ଗନବାଡ଼ି କର୍ମୀ ମନିର ବେଗମ୍, ସାହିନା ବେଗମ, ଅମତୁଲ ହାଦି, ବାସନ୍ତୀ ରଣା, ତବସୁମ୍ ବେଗମ ପ୍ରମୁଖ ଉପସ୍ଥିତ ଥିଲେ।



## ମହାବୀର କପ୍ ଫୁଟବଲ୍ | ସେମିରେ ସୋନପୁର ଓ ଛତିଶଗଡ଼



କୁହୁଡ଼ି, ୨୮।୧୨(ସମିସ): ମହାବୀର ଆଥଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ଚାଲିଥିବା ୬୪ତମ ସର୍ବଭାରତୀୟ ମହାବୀର କପ୍ ଫୁଟବଲ୍ ପ୍ରତିଯୋଗିତା ଗୁରୁବାର ମ୍ୟାଚ୍‌ରେ ରଘୁନାଥଦେବ ଏଫ୍‌ସି, ଚକ୍ରଧରପୁର ଓ ସମ୍ବଲପୁର ଫୁଟବଲ୍ କ୍ଲବ, ସମ୍ବଲପୁର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଖେଳର ପ୍ରଥମାର୍ଦ୍ଧରେ ଚକ୍ରଧରପୁରର ସୁନିଲ ଗୋଟିଏ ଗୋଲ ଦେଇଥିବାବେଳେ ଦ୍ୱିତୀୟାର୍ଦ୍ଧରେ ସମ୍ବଲପୁରର ବିଷ୍ଣୁ ଓରାମ ଗୋଲ ଦେବାରୁ ଖେଳ ଅମୀମାଂସିତ ହୋଇଥିଲା। ଫଳରେ ଟ୍ରାଇବ୍ରେକରରେ ଫଳାଫଳ ନିର୍ଣ୍ଣୟ ହୋଇଥିଲା। ଏଥିରେ ସମ୍ବଲପୁର ଦଳ ୭-୬ରେ ବାଜି ମାରି ଦେଇଥିଲା। ଖେଳ ପରିଚାଳନା କରିଥିଲେ ରେଫରି ବିଜୟ କୁମାର ମଙ୍ଗରାଜ, ଗୋପାଳ ସାମନ୍ତରାୟ, ପ୍ରଦୀପ ମୁଦୁଲି ଓ ଅପର୍ତି ବେହେରା। ମ୍ୟାଚ୍ କମିଶନର ଥିଲେ ବିଜୟ କୁମାର ରାଉତ। ଅତିଥି ଭାବେ ବାୟୁସେନାର ଟେକ୍ନିକାଲ ୱାରେଣ୍ଟ ଅଫିସର୍ ଗଦାଧର ପ୍ରଧାନ, ଏଲ୍ଏନ୍‌ପି ଟ୍ରଷ୍ଟର ସମ୍ପାଦକ ମନୋଜ କୁମାର ମାନସିଂହ, ଯୁଗ୍ମ ସମ୍ପାଦକ କମଳକାନ୍ତ ସାମନ୍ତରାୟ, ଉପ ସଭାପତି ଶଙ୍କର୍ଷଣ ଜେନା, ନିରଞ୍ଜନ ଜେନା ଓ କେଦାର ପାତାଳସିଂହ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଚକ୍ରଧରପୁରର ସୁନିଲ ଓ ସମ୍ବଲପୁରର ବିଷ୍ଣୁ ଓରାମଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ବିଭୂତି ମେମୋରିଆଲ ଟ୍ରଫି ପ୍ରଦାନ କରାଯାଇଥିଲା। ଆସନ୍ତାକାଲି ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲରେ ବିଏସ୍ ଏଫ, ସୋନପୁର ଓ ଏନ୍ ଫୁଟବଲ୍ କ୍ଲବ ଦାନ୍ତେୱଡା, ଛତିଶଗଡ଼ ମୁହାମୁହିଁ ହେବେ ବୋଲି ଆୟୋଜକ ସୂଚନା ଦେଇଛନ୍ତି।

### ● ସାରୁଅ ଶିଳ୍ପାଞ୍ଚଳ ତେଲ ଫ୍ୟାକ୍ଟ୍ରିରେ ଅଗ୍ନିକାଣ୍ଡ

## ଜଳିଗଲା ଦେଢ଼କୋଟିର ସାମଗ୍ରୀ



ଖୋର୍ଦ୍ଧା, ୨୮।୧୨(ସମିସ): ବାଘମାରୀ ଥାନା ଅନ୍ତର୍ଗତ ସାରୁଅ ଶିଳ୍ପାଞ୍ଚଳରେ ଥିବା ଏକ ଅଏଲ ଫ୍ୟାକ୍ଟ୍ରିରେ ଆଜି ହଠାତ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ ଯଦିଓ କେହି ମୃତାହତ ହୋଇନାହାନ୍ତି, ତଥାପି କମ୍ପାନୀର ପ୍ରାୟ ଦେଢ଼କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ପୋଡ଼ି ନଷ୍ଟ ହୋଇଥିବା ଭାରପ୍ରାପ୍ତ ଅଗ୍ନିଶମ ଅଧିକାରୀ ନିରଞ୍ଜନ ବେହେରା ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ, ସାରୁଅ ଶିଳ୍ପାଞ୍ଚଳରେ ଥିବା ୟୁନଭରସାଲ ଇନଫ୍ରା ଏଣ୍ଡ ଏଗ୍ରି ଅଏଲ ପ୍ରାଇଭେଟ୍ ଲିମିଟେଡ ନାମକ ଅଏଲ ଫ୍ୟାକ୍ଟ୍ରିର ଗୋଦାମ ଘରେ ଆଜି ମଧ୍ୟାହ୍ନରେ ହଠାତ୍ ନିଆଁ ଲାଗିଥିଲା। କେହି କିଛି ବୁଝିବା ପୂର୍ବରୁ ହୁତୁହୁତୁ ହୋଇ ଜଳିଥିଲା ଗୋଦାମ ଘର। ଏହି ଗେଦାମ ଘରେ ତେଲ ପ୍ୟାକିଙ୍ଗ ପାଇଁ ଆବଶ୍ୟକ ସାମଗ୍ରୀଗୁଡ଼ିକ ରହିଥିଲା। ଖବର ପାଇ ନିଆଁ ଲିଭାଇବାକୁ ଅଗ୍ନିଶମ ବାହିନୀର ୩ଟି ଗାଡ଼ିରେ ୧୫ ଜଣିଆ ଟିମ୍ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇନଥିଲେ ବି ବିଦ୍ୟୁତ୍ ସର୍ଟସର୍କିଟ ଯୋଗୁ ଏହା ହୋଇଥିବା ଅଗ୍ନିଶମ ବିଭାଗ ପ୍ରାଥମିକ ଅନୁସନ୍ଧାନରୁ ଜାଣିବାକୁ ପାଇଛି। ଭାରପ୍ରାପ୍ତ ଅଗ୍ନିଶମ ଅଧିକାରୀ ଶ୍ରୀ ବେହେରାଙ୍କ କହିବା ଅନୁସାରେ, ନିଆଁରେ ଅଏଲ ପ୍ୟାକେଜିଂ ସାମଗ୍ରୀ ନଷ୍ଟ ହୋଇଥିବାବେଳେ ଏହାର ଆନୁମାନିକ ମୂଲ୍ୟ ୬୫ ରୁ ୭୦ ଲକ୍ଷ ଟଙ୍କା ହେବ। ସେହିପରି କମ୍ପ୍ୟୁଟର, ଲାପ୍‌ଟପ ସମେତ କମ୍ପାନୀର ବହୁ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଓ କାଗଜପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଏହି ଅଗ୍ନିକାଣ୍ଡରେ ପ୍ରାୟ ଦେଢ଼ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ପୋଡ଼ିଥିବା କମ୍ପାନୀ କର୍ତ୍ତୃପକ୍ଷ ଅଗ୍ନିଶମ ବିଭାଗକୁ କହିଥିବା ସେ ସୂଚନା ଦେଇଛନ୍ତି।

## ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ସେମିରେ କେନ୍ଦୁଝର




ବେଗୁନିଆ, ୨୮।୧୨(ସମିସ): କଣ୍ଟାବାଡ଼ ଗ୍ରାମସ୍ଥିତ ସ୍ପୋର୍ଟସ ଆସୋସିଏସନ ପକ୍ଷରୁ ଚତୁର୍ଥ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଅନ୍ତିମ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ କେନ୍ଦୁଝର ଦଳ ବିଜୟ ହାସଲ କରି ସେମି ଫାଇନାଲରେ ପ୍ରବେଶ କରିଛି। କେନ୍ଦୁଝର କ୍ରିକେଟ କ୍ଲବ ଓ କିଆଝର କ୍ରିକେଟ କ୍ଲବ ମଧ୍ୟରେ ଅନ୍ତିମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଛି। କିଆଝର କ୍ରିକେଟ କ୍ଲବ ଟସ୍ ଜିତି ନିର୍ଦ୍ଧାରିତ ଓଭରରେ ୯ ୱିକେଟ ବିନିମୟରେ ୧୯୮ ରନ୍ ସଂଗ୍ରହ କରିଥିଲା। ଜବାବରେ କେନ୍ଦୁଝର କ୍ରିକେଟ କ୍ଲବ ବ୍ୟାଟିଂ କରି ୫ ୱିକେଟ ହରାଇ ୨୦୦ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଖେଳରେ ସ୍ଥାନୀୟ ଇଣ୍ଡିଆନ ବ୍ୟାଙ୍କର ମୁଖ୍ୟ ପରିଚାଳକ ସନ୍ତୋଷ ସେନାପତି ଓ ହୋଟେଲ ସ୍ପେସ ସେଣ୍ଟରର ପରିଚାଳନା ନିର୍ଦ୍ଦେଶକ ସୋମନାରାୟଣ ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅମ୍ପାୟର ରମାକାନ୍ତ ପାତ୍ର ଓ ବିଜୟ କୁମାର ପାଇକରାୟ ମ୍ୟାଚ୍ ପରିଚାଳନା କରିଥିଲେ। ଓମ୍ ପ୍ରକାଶ ବ୍ରହ୍ମା, ସିଦ୍ଧେଶ୍ୱର ବେହେରା ଓ ସଞ୍ଜୟ କୁମାର ପାଣିଗ୍ରାହୀ ସ୍କୋର ଦାୟିତ୍ୱ ତୁଲାଇଥିବା ବେଳେ ଭାଷ୍ୟକାର ଚିନ୍ମୟ ପଣ୍ଡା ଧାରା ବିବରଣୀ ପ୍ରଦାନ କରିଥିଲେ। ଶ୍ରୀକାନ୍ତ ବାହିନୀପତି, ଦିଲ୍ଲୀପ କୁମାର ପାଣିଗ୍ରାହୀ, ଜ୍ଞାନ ରଞ୍ଜନ ଜେନା ଓ ସମ୍ବିତ କୁମାର ସାହୁ ସହଯୋଗ କରିଥିଲେ।

### 'ଶିଶୁଙ୍କ ପାଇଁ ଦିନଟିଏ' ଜିଲ୍ଲାସ୍ତରୀୟ ବୈଠକ

# 'ଶିଶୁଙ୍କ ବିକାଶରେ ସମସ୍ତଙ୍କ ସହଯୋଗ ଜରୁରୀ'




ଖୋର୍ଦ୍ଧା, ୨୮।୧୨(ସମିସ): ଶିଶୁଙ୍କ ପାଇଁ ଦିନଟିଏ ଜିଲ୍ଲାସ୍ତରୀୟ ବୈଠକ ତଥା ଜିଲ୍ଲାସ୍ତରୀୟ ବାଲ୍ୟ ବିବାହ ନିରୋଧ ଟାସ୍କ ଫୋର୍ସ, ବେଟୀ ବଚାଓ ବେଟୀ ପଢ଼ାଓ ଏବଂ ଶିଶୁ ଶ୍ରମିକ ଉଚ୍ଛେଦ ସମ୍ପର୍କିତ ବୈଠକ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିଶୁ ସୁରକ୍ଷା, ଶିଶୁ ଅଧିକାର, ବାଲ୍ୟ ବିବାହ ମୁକ୍ତ ଗ୍ରାମ ଘୋଷଣା, ଶିଶୁ ଶ୍ରମିକ ଉଚ୍ଛେଦ, ଶିଶୁ ଭିକ୍ଷାବୃତ୍ତିକୁ କିପରି ବନ୍ଦ କରିବା, ଗ୍ରାମ୍ୟ ଶିଶୁ କଲ୍ୟାଣ ଏବଂ ସୁରକ୍ଷା କମିଟିକୁ କ୍ରିୟାଶୀଳ କରିବା, ଅଧାରୁ ପାଠ ଛାଡୁଥିବା ଶିଶୁମାନଙ୍କୁ ଚିହ୍ନଟ କରିବା ସହିତ ଭ୍ରୂଣହତ୍ୟା ରୋକିବା ଦିଗରେ ପଦକ୍ଷେପ ନେବା ତଥା ଶିଶୁମାନେ କିପରି ରକ୍ତହୀନତାରୁ ମୁକ୍ତି ପାଇବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶିଶୁମାନଙ୍କ ମାନସିକ, ଶାରୀରିକ, ବୌଦ୍ଧିକ ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି। ଶିଶୁ ହସିଲେ, ଦେଶ ହସିବ। ଶିଶୁ ଦେଶର ଭବିଷ୍ୟତ। ଉପଯୁକ୍ତ ଶୈକ୍ଷିକ ବାତାବରଣ ରହିଲେ, ଶିଶୁଙ୍କ ସର୍ବାଙ୍ଗୀନ ବିକାଶ ଘଟିପାରିବ। ଶିଶୁଙ୍କ ବିକାଶ ଦିଗରେ ସମସ୍ତଙ୍କ ଉତ୍ତରଦାୟିତ୍ୱ ରହିଛି ବୋଲି ମତ ପ୍ରକାଶ ପାଇଛି।

ଅତିରିକ୍ତ ଜିଲ୍ଲାପାଳ ପ୍ରତାପ କୁମାର ବେଉରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏଥିରେ ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷା ରଞ୍ଜିତା ପଣ୍ଡା, ଅତିରିକ୍ତ ଶିଶୁ ମଙ୍ଗଳ ସମିତିର ସଭ୍ୟା ସୁମିତାରାଣୀ ଘୋଷ, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡଃ. ରଘୁନାଥ ନାୟକ, ଜିଲ୍ଲା ଶ୍ରମ ଅଧିକାରୀ ପ୍ରଭାକର ବିଶ୍ୱାଳ, ଅତିରିକ୍ତ ଶ୍ରମ ଅଧିକାରିଣୀ ପ୍ରଜ୍ଞା ପାରମିତା ସାହୁ, ଅତିରିକ୍ତ ଶିକ୍ଷା ଅଧିକାରୀ ସ୍ନିଗ୍ଧା ମିଶ୍ର, ଏସଡିପିଓ ଦିଲ୍ଲୀପ କୁମାର ଦାସ, ଆଇଆଇସି ସଞ୍ଜୟ କୁମାର ନାୟକ ପ୍ରମୁଖ ଯୋଗଦେଇ ଜିଲ୍ଲାରେ ଶିଶୁ ସୁରକ୍ଷା ଦିଗରେ ଗୁରୁତ୍ୱାରୋପ କରିଥିଲେ।

ଏହି ଅବସରରେ ଗତ ଡିସେମ୍ବର ୧୦ ତାରିଖରେ ଅନୁଷ୍ଠିତ ହୋଇଥିବା ଜିଲ୍ଲାସ୍ତରୀୟ ରାଜ୍ୟ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ୧୨ଜଣ ଶିଶୁଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେଉରା ପ୍ରମାଣପତ୍ର ଏବଂ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ବୈଠକରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ବାଣିଶ୍ରୀ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଆହ୍ୱାନଏଡର ଜିଲ୍ଲା ପରାମର୍ଶଦାତ୍ରୀ ସ୍ୱାତୀ ତନ୍ମୟୀ ମିଶ୍ର ତଥା ସମସ୍ତ ବ୍ଲକଶିକ୍ଷା ଅଧିକାରୀ, ସମସ୍ତ ସିଡିପିଓ ଉପସ୍ଥିତ ଥିଲେ। ବୈଠକ ପରିଚାଳନାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ରଞ୍ଜନ କୁମାର ଗୋଛାୟତ, ରୀତାଞ୍ଜଳି ମହାନ୍ତି, ମନସ୍ୱିନୀ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ମାଣିକାଗୋଡ଼ାରେ ମାଙ୍କଡ଼ ଆତଙ୍କ

ବୋଲଗଡ଼, ୨୮।୧୨(ସମିସ): ମାଣିକାଗୋଡ଼ା ଗ୍ରାମରେ ଏକ ମାଙ୍କଡ଼ ଗତ ଏକ ସପ୍ତାହ ଧରି ଆତଙ୍କରାଜ ଚଳାଇଛି। ନିକଟସ୍ଥ ପାହାଡ଼ ଜଙ୍ଗଲରୁ ଖାଦ୍ୟ ଅନ୍ୱେଷଣରେ ଆସୁଥିବା ଏକ ମାଙ୍କଡ଼ ଦଳ ମଧ୍ୟରୁ ଗୋଟିଏ ହାତ ବଙ୍କା ଥିବା ବୟସ୍କ ମାଙ୍କଡ଼ କାମୁଡାରେ ୮ ଜଣ ଗୁରୁତର ଆହତ ହୋଇଥିବା ଗ୍ରାମବାସୀ ବନପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସ୍ଥାନୀୟ ପରମାନନ୍ଦ କଲେଜ ଛାତ୍ରୀ ଗାୟତ୍ରୀ ମାଝୀ, ତାଙ୍କ ସାଙ୍ଗମାନଙ୍କ ସହିତ କଲେଜ ଯାଉଥିବା ସମୟରେ, ମାଣିକାଗୋଡ଼ା ଗାଁ ମୁଣ୍ଡରେ ଏହି ପାଗଳା ମାଙ୍କଡ଼ ଅତର୍କିତ ଭାବରେ ଆସି ତାଙ୍କ ଗୋଡ଼କୁ କାମୁଡ଼ି ଦେଇଥିଲା। ସ୍ଥାନୀୟ ବ୍ୟକ୍ତି ତାଙ୍କୁ ମାଙ୍କଡ଼ କବଳରୁ ଉଦ୍ଧାର କରି, ତାଙ୍କ ପରିବାର ସଦସ୍ୟଙ୍କୁ ଖବର ଦେଇଥିଲେ। ତାଙ୍କୁ ନୟାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଛାତ୍ରୀଙ୍କୁ କ୍ଷତିପୂରଣ ଦେବା ସହ ମାଙ୍କଡ଼କୁ ଧରିବା ପାଇଁ ଗ୍ରାମବାସୀ ନିବେଦନ କରିଛନ୍ତି। ଏନେଇ ବନପାଳ ପ୍ରଦୀପ୍ତ ପଟ୍ଟନାୟକ କହିଛନ୍ତି ଯେ ଅଭିଯୋଗ ପାଇ ସେ ବନରକ୍ଷୀ ଦଳକୁ ପଠାଇ ମାଙ୍କଡ଼କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ଧରିବା ପରେ ତାକୁ ନିଶ୍ଚେତକ ଦେଇ ଚିକିତ୍ସା ପାଇଁ ପଠାଯିବ। ତେବେ ଆହତଙ୍କୁ ସହାୟତା ରାଶି ପ୍ରଦାନ ନିମନ୍ତେ ଡାକ୍ତର ପ୍ରମାଣପତ୍ର ସହ ଆବେଦନ କଲେ ଏହା ମିଳିପାରିବ ବୋଲି କହିଛନ୍ତି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୨୫ ● ପାଉଣ୍ଡ ୧୦୬.୩୧
- ୟୁରୋ ୯୨.୫୭ ● ୟେନ୍ ୦.୫୯

**ସୁନାରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୫୮,୯୦୦ (ନୂଆଦିଲ୍ଲୀ)
- ରୁପା : ୭୯,୫୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୨,୪୧୦.୦୦
- ନିଫ୍ଟି ୨୧,୭୭୮.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬



### ପିୟୁସି ପ୍ରମାଣପତ୍ରରେ ବ୍ୟାପକ ଜାଲିଆତି

# ପ୍ରଦୂଷଣ ଯାଞ୍ଚର ହେବ ଭିଡିଓ

**୧୦ ସେକେଣ୍ଡର ଭିଡିଓ ବନାଇବା ବାଧ୍ୟତାମୂଳକ**

**ଭିଡିଓକୁ ବାହାନ ପୋର୍ଟାଲ୍‌ରେ ଅପ୍‌ଲୋଡ୍ କରିବାକୁ ପଡିବ**

**ନୂଆ ନିୟମ ୨ ସପ୍ତାହ ମଧ୍ୟରେ ହେବ ଲାଗୁ**

ନୂଆଦିଲ୍ଲୀ,୨୮।୧୨(ଏଜେନ୍ସି)

ସାରା ଦେଶରେ ଯାନବାହନଗୁଡିକ ଲାଗି ପଲ୍ୟୁସନ୍ ଅଣ୍ଡର କଣ୍ଟ୍ରୋଲ୍ (ପିୟୁସି) ପ୍ରମାଣପତ୍ର ଜରୁରୀ। ଏହି ନିୟମକୁ କେନ୍ଦ୍ର ସରକାର ବେଶ କଡ଼ାକଡ଼ି କରିଛନ୍ତି। ହେଲେ ବର୍ତ୍ତମାନ ଦେଖିବାକୁ ମିଳୁଛି ଯେ, ପିୟୁସି ସାର୍ଟିଫିକେଟ୍ ପ୍ରଦାନରେ ବହୁ ମାତ୍ରାରେ ଜାଲିଆତି ହେଉଛି। ପିୟୁସି କେନ୍ଦ୍ରଗୁଡିକ ବିରୁଦ୍ଧରେ ଏକ ବଡ଼ ଅଭିଯୋଗ ଆସୁଥିଲା ଯେ, ସେମାନେ ଆବଶ୍ୟକ ଅନୁସନ୍ଧାନ ନ କରି ଗାଡ଼ିଗୁଡ଼ିକୁ ପିୟୁସି ପ୍ରମାଣପତ୍ର ପ୍ରଦାନ କରୁଛନ୍ତି। ଏମିତିକ ଅନେକ ଅଭିଯୋଗରେ ଏହା ମଧ୍ୟ ଦର୍ଶାଯାଇଥିଲା ଯେ କେନ୍ଦ୍ରଗୁଡିକ ଗାଡ଼ି ଯାଞ୍ଚ ନ କରି ପିୟୁସି ପ୍ରମାଣପତ୍ର ପ୍ରଦାନ କରୁଛନ୍ତି। ଏଭଳି ଅଭିଯୋଗ




ପରେ ପରିବହନ ବିଭାଗ କଠୋର ନିଷ୍ପତ୍ତି ଗ୍ରହଣ କରିଛି। ଏହି ଅନୁଯାୟୀ, ଏଣିକି ପିୟୁସି କେନ୍ଦ୍ରଗୁଡିକ ପ୍ରଦୂଷଣ ଯାଞ୍ଚର ଏକ ଭିଡିଓ ପ୍ରସ୍ତୁତ କରିବେ। ପିୟୁସି ପ୍ରମାଣପତ୍ର ଦେବା ପୂର୍ବରୁ, ପରୀକ୍ଷା କେନ୍ଦ୍ରଗୁଡିକ ଅତିକମ୍‌ରେ ୧୦ ସେକେଣ୍ଡର ଏକ ଭିଡିଓ ପ୍ରସ୍ତୁତ କରିବେ। ଏହି ନିୟମକୁ ବାଧ୍ୟତାମୂଳକ କରାଯାଇଛି।

ପିୟୁସି କେନ୍ଦ୍ର ପ୍ରସ୍ତୁତ କରିଥିବା ଭିଡିଓରେ ଯାନର ନମ୍ବର ପ୍ଲେଟ୍ ସହିତ ପ୍ରଦୂଷଣ ପରୀକ୍ଷଣର ସମସ୍ତ ପ୍ରକ୍ରିୟା ରହିବ। ଏହି ଭିଡିଓକୁ ବାହାନ) ପୋର୍ଟାଲରେ ମଧ୍ୟ ଅପଲୋଡ୍ କରିବାକୁ ପଡିବ। ତେବେ କେନ୍ଦ୍ର ସଡକ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ଭିଡିଓ ଅପଲୋଡ୍ କରିବା ପାଇଁ ଯାନ ଇ-ସେବା ପ୍ରଦାନକାରୀ (ବାହାନ) ପୋର୍ଟାଲରେ ଆବଶ୍ୟକୀୟ ପରିବର୍ତ୍ତନ ଚଳାଇଛି। ଏଥିରେ ବିଭାଗ ଏକ ବର୍ଷ ପାଇଁ ପିୟୁସି ସାର୍ଟିଫିକେଟ୍ ପ୍ରଦାନ କରିବ। ରିପୋର୍ଟ ଅନୁଯାୟୀ, ଯଦି ସବୁକିଛି ଠିକ୍‌ଠାକ୍ ଚାଲେ ତେବେ ଏହି ନୂଆ ବ୍ୟବସ୍ଥା ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ଆରମ୍ଭ ହେବ। ମୋଟର ଯାନ ଅଧିନିୟମ ଅନୁଯାୟୀ, ଦେଶରେ ଗାଡି ଚଳାଇବା ପାଇଁ ପିୟୁସି ପ୍ରମାଣପତ୍ର ବାଧ୍ୟତାମୂଳକ। ଗାଡିରୁ ବାହାରୁଥିବା ନିଷ୍କାସିତ ଗ୍ୟାସ ପରୀକ୍ଷା କରିବା ପରେ ଏହି ପ୍ରମାଣପତ୍ର ଦିଆଯାଇଥାଏ।

# ୧୦ ଟଙ୍କା କମିବ ପେଟ୍ରୋଲ !

**ନୂଆଦିଲ୍ଲୀ,୨୮।୧୨(ଏଜେନ୍ସି):** ଖୁବ୍ ଶୀଘ୍ର ପେଟ୍ରୋଲ ଏବଂ ଡିଜେଲର ଉଚ୍ଚ ଦରରୁ ଖାଉଟିଙ୍କୁ ମିଳିବ ଆଶ୍ୱସ୍ତି। ୨୦୨୪ ଲୋକସଭା ନିର୍ବାଚନ ପୂର୍ବରୁ ଦେଶରେ କମିବ ପେଟ୍ରୋଲ ଏବଂ ଡିଜେଲ ଦର। ବିଶେଷ ସୂତ୍ରରୁ ଖବର ଅନୁଯାୟୀ ସରକାର ପେଟ୍ରୋଲ ମୂଲ୍ୟରେ ଲିଟର ପିଛା ୧୦ ଟଙ୍କା ପର୍ଯ୍ୟନ୍ତ ହ୍ରାସ ଘଟାଇପାରନ୍ତି। କେବଳ ଏତିକି ନୁହେଁ ଡିଜେଲ ଦର ମଧ୍ୟ ହ୍ରାସ ହୋଇପାରେ। ସୂତ୍ରରୁ ପ୍ରକାଶ ଯେ ଗତ ସପ୍ତାହରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରଣାଳୟ ଏବଂ ଅର୍ଥ ମନ୍ତ୍ରଣାଳୟ ମଧ୍ୟରେ ଏହି ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ତେଣୁ ମୂଲ୍ୟ ହ୍ରାସ ହେବାର ଯଥେଷ୍ଟ ସମ୍ଭାବନା ରହିଛି।

ଗତ ତ୍ରୈମାସିକରେ ଦେଶର ତିନୋଟି ଯାକ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ମିଳିତ ଭାବରେ ୨୮ ହଜାର କୋଟି ଟଙ୍କା ଲାଭ କରିଛନ୍ତି। ଏଥିସହିତ ଗତ ତିନୋଟି ଯାକ ତ୍ରୈମାସିକରେ ସମସ୍ତ ୩ ସରକାରୀ ପେଟ୍ରୋଲିୟମ କମ୍ପାନୀ ମିଳିତ ଭାବରେ ମୋଟ ୧ ଲକ୍ଷ କୋଟି ଟଙ୍କା ଲାଭ କରିଛନ୍ତି। ପେଟ୍ରୋଲିୟମ କମ୍ପାନୀଗୁଡିକ ଗୋଟିଏ ଲିଟର ପେଟ୍ରୋଲରେ ୧୨ ଟଙ୍କା ଏବଂ ଡିଜେଲରେ ୫ ଟଙ୍କା ଲାଭ ନେଉଛନ୍ତି। ବିଶ୍ୱ ବଜାରରେ ଅଶୋଧିତ



ତୈଳ ଦର ଗତ ଏକ ବର୍ଷ ହେବ ବ୍ୟାରେଲ ପିଛା ୭୫ ଡଲାରରୁ କମ୍ ରହିଛି। ଏଭଳି ସ୍ଥଳେ ଦୀର୍ଘ ଦିନ ହେବ ସରକାରୀ ତେଲ କମ୍ପାନୀଗୁଡିକ ନିଦା ବିଷ୍ଣୁ ସାଜି ତୈଳ ଦର ହ୍ରାସ ଘଟାଉନାହାଁନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ଦେଶରେ ୨୦୨୨ ମେ' ୨୨ ପରଠାରୁ ଦେଶରେ ପେଟ୍ରୋଲ ଓ ଡିଜେଲର ଖୁଚୁରା ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ। ତେବେ ଏହି ଅବଧିରେ ଭାରତର ଅଶୋଧିତ ତୈଳ କ୍ରୟ ସର୍ବାଧିକ ବ୍ୟାରେଲ ପିଛା ୧୧୬ ଡଲାର (ଜୁନ ୨୦୨୨ର ହାରାହାରି ମୂଲ୍ୟ) ପର୍ଯ୍ୟନ୍ତ ଓ ସର୍ବନିମ୍ନ ୭୪.୯୩ (ଜୁନ ୨୦୨୩ର ହାରାହାରି ମୂଲ୍ୟ) ଡଲାରରେ କ୍ରୟ କରୁଥିଲା। ଏହା ସତ୍ତ୍ୱେ ଖୁଚୁରା ପେଟ୍ରୋଲ, ଡିଜେଲ ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇ ନ ଥିଲା।

# ଜିନ୍ଦଲ ଷ୍ଟେନ୍‌ଲେସ୍ ବାର୍ଷିକ ୧.୯ ବିଲିୟନ ୟୁନିଟ୍ ସ୍ୱଚ୍ଛ ଶକ୍ତି ଉତ୍ପାଦନ କରିବ

**ଭୁବନେଶ୍ୱର, ୨୮।୧୨(ସମିସ):** ସର୍ବବୃହତ ଷ୍ଟେନଲେସ ଷ୍ଟିଲ ଉତ୍ପାଦନକାରୀ ଜିନ୍ଦଲ ଷ୍ଟେନଲେସ ଏହାର ନୂତନ ପ୍ରକାଶିତ ସଷ୍ଟେନେବିଲିଟି ରିପୋର୍ଟ ଅନୁଯାୟୀ ପବନ-ସୌର ହାଇବ୍ରିଡ୍ ଭାସମାନ ଏବଂ ଛାତ ଉପର ସୌର ପ୍ଲାଣ୍ଟ ମାଧ୍ୟମରେ ବାର୍ଷିକ ୧.୯ ବିଲିୟନ ୟୁନିଟରୁ ଅଧିକ ସ୍ୱଚ୍ଛ ବିଦ୍ୟୁତ ଶକ୍ତି ଉତ୍ପାଦନ କରିବ। ଏହି ପଦକ୍ଷେପଗୁଡ଼ିକ ମାଧ୍ୟମରେ ବାର୍ଷିକ ୧୩.୫୨ ଲକ୍ଷ ଟନରୁ ଅଧିକ କାର୍ବନ ନିର୍ଗମନ ହ୍ରାସ କରାଯାଇପାରିବ। ୧୦୦ ମେଗାୱାଟ (ମେଗାୱାଟ) ରାଉଣ୍ଡ-କ୍ଲକ୍ (ଆରଟିସି) ଅକ୍ଷୟ ଶକ୍ତି ଯୋଗାଇବା ପାଇଁ କମ୍ପାନୀ ପୂର୍ବରୁ ରିନ୍ୟୁ ପାୱାର ସହିତ ଭାଗୀଦାର ହୋଇଛି। ଯାଜପୁର ଏବଂ ହିସାରରେ ଥିବା ଉତ୍ପାଦନ ୟୁନିଟ୍ ଗୁଡିକରେ ପୃଥକ ୧୦୦ ମେଗାୱାଟ ଆରଟିସି ଅକ୍ଷୟ ଶକ୍ତି ପ୍ରକଳ୍ପ ଗଠନ ପାଇଁ ମଧ୍ୟ ଆଲୋଚନା ଚାଲିଛି। ଏହି ପ୍ରୟାସ ମାଧ୍ୟମରେ ଉଭୟ ୟୁନିଟ୍ ପାଇଁ ୩୦୦ ମେଗାୱାଟ ଆରଇ- ଆରଟିସି ମିଳିତ କ୍ଷମତା ହାସଲ କରିବାକୁ ଲକ୍ଷ୍ୟ ରହିଛି। ସଷ୍ଟେନେବିଲିଟି ରିପୋର୍ଟ ଉନ୍ମୋଚନ କରି ଜିନ୍ଦଲ ଷ୍ଟେନଲେସର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଏହି ରିପୋର୍ଟ ପରିବେଶ ତଥା ସାମାଜିକ ଦାୟିତ୍ୱରେ ଉତ୍କର୍ଷତା ପାଇଁ ଆମର ନିରନ୍ତର ପ୍ରଚେଷ୍ଟାକୁ ପ୍ରମାଣିତ କରୁଛି। ଅକ୍ଷୟ ଶକ୍ତି ପଦକ୍ଷେପଗୁଡ଼ିକରେ ଉଲ୍ଲେଖନୀୟ ସଫଳତା ଆମର ସବୁଜ ଭବିଷ୍ୟତ ଗଠନ ଲକ୍ଷ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ। ରିସର୍ଚ୍ଚ ଆଣ୍ଡ ଡେଭେଲପମେଣ୍ଟରେ ଆମର ଅଗ୍ରଗତି ଶିଳ୍ପ ମାନକକୁ ବଢ଼ାଏ ଏବଂ ପୃଥିବୀ ଓ ଏହାର ଲୋକମାନଙ୍କ ପାଇଁ ଆମର କାର୍ଯ୍ୟକଳାପର ସକରାତ୍ମକ ଯୋଗଦାନକୁ ସୁନିଶ୍ଚିତ କରେ।

# ଭଡ଼ା ଅନ୍ୟ ଟ୍ରେନ୍‌ର ଦ୍ୱିତୀୟ ଶ୍ରେଣୀ, ସ୍ଲିପର ଭଡାଠାରୁ ୧୭% ଅଧିକ

**ନୂଆଦିଲ୍ଲୀ,୨୮।୧୨(ଏଜେନ୍ସି):** ଭାରତୀୟ ରେଳବାଇ ବନ୍ଦେ ଭାରତ ପରେ ଏବେ ଅମୃତ ଭାରତ ଟ୍ରେନ୍ ଚଳାଇବାକୁ ଯାଉଛି। ଚଳିତମାସ ୩୦ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉତ୍ତରପ୍ରଦେଶର ଅଯୋଧ୍ୟାରୁ ପ୍ରଥମ ଅମୃତ ଭାରତ ଟ୍ରେନକୁ ପତାକା ଦେଖାଇ ଚଳାଚଳର ଶୁଭାରମ୍ଭ କରିବେ। କିନ୍ତୁ ଏହି ନୂଆ ଟ୍ରେନର ଦ୍ୱିତୀୟ ଶ୍ରେଣୀ ଏବଂ ସ୍ଲିପର ଭଡା ଚାଲୁଥିବା ଅନ୍ୟ ମେଲ୍ କିମ୍ବା ଏକ୍ସପ୍ରେସ ଟ୍ରେନ୍‌ର ଦ୍ୱିତୀୟ ଏବଂ ସ୍ଲିପର ଶ୍ରେଣୀ ଭଡା ଠାରୁ ୧୭% ଅଧିକ ହେବ।

ଅମୃତ ଭରତ ଏକ୍ସପ୍ରେସ ଟ୍ରେନରେ ୧ କି.ମିରୁ ୫୦ କି.ମିର ଦୂରତା ମଧ୍ୟରେ ଥିବା ଗନ୍ତବ୍ୟସ୍ଥଳ ପାଇଁ ସର୍ବନିମ୍ନ ଭଡା ୩୫ ଟଙ୍କା ରହିବା ନେଇ ରେଳ ବୋର୍ଡ ପକ୍ଷରୁ ଏହାର ବିଭିନ୍ନ ଜୋନ୍‌କୁ ଦିଆଯାଇଥିବା ସୂଚନାରେ କୁହାଯାଇଛି। ଜଣେ ରେଳ ଅଧିକାରୀ କହିଛନ୍ତି ଯେ ଅନ୍ୟ ମେଲ୍ କିମ୍ବା ଏକ୍ସପ୍ରେସ ଟ୍ରେନରେ ୧ରୁ ୫୦ କି.ମି. ମଧ୍ୟରେ ଥିବା ଗନ୍ତବ୍ୟସ୍ଥଳ ପାଇଁ ଦ୍ୱିତୀୟ ଶ୍ରେଣୀରେ ଯାତ୍ରା ପାଇଁ ସର୍ବନିମ୍ନ ଟିକେଟ୍ ମୂଲ୍ୟ ୩୦




**୩୦ରୁ ଚାଲିବ ଅମୃତ ଭାରତ ଏକ୍ସପ୍ରେସ୍**

ଟଙ୍କା ରହିଛି। ଏହି ଦୃଷ୍ଟିରୁ ଏଥିରେ ସଂରକ୍ଷଣ ଦେୟ ଏବଂ ଅନ୍ୟାନ୍ୟ ଦେୟ ପୃଥକ ଭାବରେ ଯୋଡା ଯାଇଛି। ଅମୃତ ଭାରତଙ୍କ ଏକ୍ସପ୍ରେସ୍‌ର ଭଡା ପ୍ରାୟ ୧୭ ପ୍ରତିଶତ ଅଧିକ। ରିଆତି ଟିକଟ୍ ଏବଂ ମାଗଣା ପାସ୍ ଆଧାରରେ ପ୍ରସ୍ତୁତ ଟିକେଟ୍ ଗ୍ରହଣ କରାଯିବନାହିଁ। ରେଳ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ସର୍କୁଲାର ଅନୁଯାୟୀ, ଏହି ଟ୍ରେନରେ କୌଣସି ରିଆତି ଟିକେଟ ସୁବିଧା ରହିବ ନାହିଁ। ରେଳ କର୍ମଚାରୀଙ୍କ ପାଇଁ ବିଶେଷାଧିକାର ପାସ୍, ପିଟିଓ, ଡ୍ୟୁଟି ପାସ୍ ଇତ୍ୟାଦି ସମ୍ବନ୍ଧୀୟ ନିୟମ ମେଲ୍ / ଏକ୍ସପ୍ରେସ ଟ୍ରେନ୍ ସହିତ ସମାନ ହେବ। ଏଥିରେ କୁହାଯାଇଛି ଯେ ସାଂସଦମାନଙ୍କୁ ଦିଆଯାଇଥିବା ପାସ୍, ରେଳ ଟ୍ରାଭେଲ୍ କୁପନ୍ (ଟିଆରସି) ବିଧାୟକ / ବିଧାନ ପରିଷଦ ସଦସ୍ୟଙ୍କୁ ଦିଆଯାଇଥିବା ଟିକେଟ୍ ବୁକିଂ ଏବଂ ସ୍ୱାଧୀନତା ସଂଗ୍ରାମୀଙ୍କ ପାଇଁ ବୁକିଂ ଅନୁମତି ଦିଆଯିବ କାରଣ ସେମାନଙ୍କ ପାଇଁ ସମ୍ପୂର୍ଣ୍ଣ ଫେରସ୍ତ ବ୍ୟବସ୍ଥା ରହିଛି। ଅମୃତ ଭାରତ ଟ୍ରେନ୍ ଏବଂ ଏହାର ଭଡା ପ୍ରଦର୍ଶନ ପାଇଁ ସଫ୍ଟୱେରରେ ଆବଶ୍ୟକୀୟ ପରିବର୍ତ୍ତନ କରାଯାଇଛି। ଅମୃତ ଭାରତ ଏକ୍ସପ୍ରେସ୍‌ରେ ଏଲ୍‌ଏଚ୍‌ବି କୋଚ୍ ଆଧାରିତ ପୁସ୍-ପଲ୍ ବ୍ୟବସ୍ଥା ରହିବ।

# ସାଓମି ଆଣିଲା ଇଭି କାର୍




**ନୂଆଦିଲ୍ଲୀ,୨୮।୧୨(ଏଜେନ୍ସି):** ଚାଇନିଜ୍ ସ୍ମାର୍ଟଫୋନ୍ ନିର୍ମାତା ସାଓମି ଏହାର ପ୍ରଥମ ଇଲେକ୍ଟ୍ରିକ୍ କାର(ଇଭି) ବଜାରକୁ ଛାଡିଛି। ଗୁରୁବାର ଏହାର ଅନାବରଣ ହୋଇଛି। କମ୍ପାନୀ ବିଶ୍ୱର ଶ୍ରେଷ୍ଠ ୫ କାର୍ ନିର୍ମାତାଙ୍କ ମଧ୍ୟରେ ସ୍ଥାନ ପାଇବାକୁ ଲକ୍ଷ୍ୟ ରଖିଥିବା କହିଛି। ତେବେ କମ୍ପାନୀର ଏହି ଇଭିର ନାମ ସାଓମି ଏସ୍ୟୁ୭ ରହିଛି।

ବେଜିଂଠାରେ ଏକ ସ୍ୱତନ୍ତ୍ର ବଜାର ପ୍ରବେଶ ଉତ୍ସବରେ ସାଓମିର ଚିଫ୍ ଏକ୍ଜିକ୍ୟୁଟିଭ୍ ଲେଇ ଜୁନ କହିଛନ୍ତି, ଆମେ ଆଗାମୀ ୧୫ରୁ ୨୦ବର୍ଷରେ ବିଶ୍ୱର ଶ୍ରେଷ୍ଠ୫ ଅଟୋ ନିର୍ମାତା ମଧ୍ୟରୁ ଜଣେ ହେବୁ। ସୂଚନାଥାଉକି, ଅନ୍ୟ ଟେକ୍ କମ୍ପାନୀଙ୍କ ଭଳି ସାଓମି ମଧ୍ୟ ଏହାର କୋର୍ ବ୍ୟବସାୟ ବ୍ୟତୀତ ଇଭି ବ୍ୟବସାୟରେ ଉଦ୍ୟମ ଜାରି ରଖିଛି। ଏ ନେଇ ୨୦୨୧ରେ କମ୍ପାନୀ ତରଫରୁ ଘୋଷଣା କରାଯାଇଥିଲା। ସାଓମିର ଏହି ବ୍ରାଣ୍ଡେଡ୍ କାର୍କୁ ବେଜିଂର ବିଏଆଇସି ଗ୍ରୁପ୍ ତିଆରି କରିବ। ଏଠାରେ ବାର୍ଷିକ ପ୍ରାୟ ୨ ଲକ୍ଷ କାର୍ ନିର୍ମାଣ କରାଯିବ। ଆଗାମୀ ସମୟରେ କାର୍କୁ ନେଇ ଅଧିକ ତଥ୍ୟ ସାମ୍ନାକୁ ଆସିବ। ତେବେ କମ୍ପାନୀର ଏହି କାର୍ ଏଭଳି ସମୟରେ ସାମ୍ନାକୁ ଆସିଛି ଯେତେବେଳେ ସାରା ବିଶ୍ୱରେ କାର୍ ନିର୍ମାତାମାନେ ବୈଶ୍ୱିକ ମାନ୍ଦାବସ୍ଥାର ସମ୍ମୁଖୀନ ହେଉଛନ୍ତି।

# ଜୋମାଟୋକୁ ୪୦୧ କୋଟିର ଜିଏସ୍‌ଟି ନୋଟିସ୍

**ନୂଆଦିଲ୍ଲୀ,୨୮।୧୨(ଏଜେନ୍ସି):** ଅନଲାଇନ୍ ଫୁଡ୍ ଡେଲିଭରୀ ପ୍ଲାଟଫର୍ମ ଜୋମାଟୋକୁ ଜିଏସ୍‌ଟି ବିଭାଗରୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି। ଡେଲିଭରି ଚାର୍ଜ ଭାବରେ ନେଇଥିବା ପ୍ରାୟ ୪୦୧.୭ କୋଟି ଟଙ୍କା ବାବଦରେ କମ୍ପାନୀକୁ ଏହି କାରଣ ଦର୍ଶାଅ ନୋଟିସ୍ ମିଳିଛି। ତେବେ କମ୍ପାନୀ ଶେୟାର ବଜାରକୁ ଦେଇଥିବା ସୂଚନା ଅନୁଯାୟୀ, ଦାବି କରିଛି ଯେ, କମ୍ପାନୀ ଏହି ରାଶି ଦେବାକୁ ଉତ୍ତରଦାୟୀ ନୁହେଁ। କାରଣ ଡେଲିଭରୀ ଚାର୍ଜ ଡେଲିଭରୀ ପାର୍ଟନରଙ୍କ ତରଫରୁ ନିଆଯାଇଥାଏ। ଆହୁରି ମଧ୍ୟ କମ୍ପାନୀ କହିଛି ଯେ, ନିୟମ ଏବଂ ସର୍ତ୍ତ ଅନୁଯାୟୀ ଡେଲିଭରି ପାର୍ଟନର ଗ୍ରାହକଙ୍କୁ ଡେଲିଭରୀ ସେବା ପ୍ରଦାନ କରିଛନ୍ତି, କମ୍ପାନୀକୁ ନୁହେଁ। ତେଣୁ କମ୍ପାନୀ ଏହି କାରଣ ଦର୍ଶାଅ ନୋଟିସ୍‌ର ଉଚିତ୍ ଜବାବ ଦାଖଲ କରିବ।

# ରସୁଲଗଡ଼ରେ ଶ୍ରୀଲେଦର୍ସର ନୂଆ ଶୋ'ରୁମ୍

**ଭୁବନେଶ୍ୱର,୨୮।୧୨(ସମିସ):** ବିଗତ ୭୦ ବର୍ଷ ଧରି ଭାରତୀୟ ଫୁଟ୍‌ୱେର ଶିଳ୍ପରେ ଏକ ଭରସାଯୋଗ୍ୟ ବ୍ରାଣ୍ଡ ଭାବେ ମାନ୍ୟତା ବଜାୟ ରଖିଥିବା ଶ୍ରୀଲେଦର୍ସ ଭୁବନେଶ୍ୱରସ୍ଥିତ ରସୁଲଗଡ଼ଠାରେ ଏହାର ନୂଆ ଶୋ'ରୁମ୍ ଖୋଲିଛି। ରାଜ୍ୟରେ କମ୍ପାନୀର ଏହା ଅଷ୍ଟମ ଶୋ୍‌ରୁମ୍। ନୂଆ ଶୋ'ରୁମରେ ବିଶ୍ୱସ୍ତରୀୟ ବିଭିନ୍ନ ଚମଡ଼ା ଉତ୍ପାଦ, ବ୍ୟାଗ୍, ଟ୍ରାଭେଲ୍ ବ୍ୟାଗ୍, ସ୍ପୋର୍ଟସ୍ ସୁ ଆଦି ଷ୍ଟାଇଲିସ୍ ଉତ୍ପାଦର ସମ୍ଭାର ଅତି ସୁଲଭ ମୂଲ୍ୟରେ ଉପଲବ୍ଧ। ରସୁଲଗଡ଼ସ୍ଥିତ ଓଡ଼ିଶା ବିଜ୍‌ନେସ୍ ସେଣ୍ଟରର ତଳ ମହଲାରେ ଏହି ନୂଆ ଶୋ'ରୁମ୍ ଖୋଲିଛି। ଉତ୍ତମମାନଯୁକ୍ତ ଉତ୍ପାଦ ଏବଂ ଗ୍ରାହକ ସନ୍ତୁଷ୍ଟି ସଫଳତା ମନ୍ତ୍ରକୁ ଅନୁସରଣ କରି ବ୍ରାଣ୍ଡ କମ୍ଫର୍ଟ ରେଞ୍ଜର ଫୁଟୱେର, ଷ୍ଟାଇଲିସ୍ ଏବଂ ନିତ୍ୟବ୍ୟବହାର୍ଯ୍ୟ ଚମଡ଼ା ଆସେସୋରିଜ୍ କ୍ଷେତ୍ରରେ ଉଲ୍ଲେଖନୀୟ ବଜାର ଅଂଶ ହାସଲ କରିଛି। କମ୍ଫର୍ଟ




ଏବଂ ଷ୍ଟାଇଲ୍ ସେଗମେଣ୍ଟରେ ଏକ ନୂଆ ବର୍ଗ ଭାବେ ଆସିଛି 'ଏସ୍‌ଏଲ୍ ପ୍ରିମିୟମ୍'। ଏ ଅବସରରେ ଶ୍ରୀଲେଦର୍ସର ପାର୍ଟନର ଶେଖର ଦେ କୁହନ୍ତି, ପ୍ରଡକ୍ଟଗୁଡ଼ିକର ପ୍ରତ୍ୟେକ ନୂଆ ଡିଜାଇନ୍ ଏବଂ ବର୍ଗ ଆମ ସୋ୍‌ରୁମ୍‌ଗୁଡ଼ିକୁ ପ୍ରଥମେ ଅଣାଯାଇଥାଏ। ଦୁଇ ପିଢ଼ିରୁ ଅଧିକ ଗ୍ରାହକଙ୍କୁ ଏହା ସେବା ଯୋଗାଣ ଜାରି ରଖିଛି। ଭାରତର ବିଭିନ୍ନ ପ୍ରାନ୍ତରେ ଫ୍ରାଞ୍ଚାଇଜି ଯୋଡ଼ି ବ୍ରାଣ୍ଡ ବୃହତ୍ ସଫଳତା ହାସଲ କରିଥିବା ଶ୍ରୀ ଦେ ପ୍ରକାଶ କରିଛନ୍ତି। ବ୍ରାଣ୍ଡର ଭବିଷ୍ୟତ ଅଭିବୃଦ୍ଧି ଯୋଜନା ସମ୍ପର୍କରେ ପାର୍ଟନର ତଥା ପରିବାରର ତୃତୀୟ ପିଢ଼ି ସଦସ୍ୟ ସୁଶାନ୍ତୋ ଦେ କହିଛନ୍ତି, ଆମେ ଏବେ ପରଫରମାନ୍ସ ଭିତ୍ତିକ ସ୍ପୋର୍ଟସ ସୁ ଉପରେ ଫୋକସ୍ କରୁଛୁ। ଆଗାମୀ ଦିନରେ ବ୍ୟାଡ୍‌ମିଣ୍ଟନ, ଭଲିବଲ୍ ଏବଂ ବାସ୍କେଟ୍‌ବଲ ପାଇଁ ଭିନ୍ନ ଭିନ୍ନ ସ୍ପୋର୍ଟସ ସୁ ଆଣିପାରିବୁ।

# ପିପୁଲ୍ସ ଫୋରମ୍ ଓ ଅନ୍ନପୂର୍ଣ୍ଣା ଫାଇନାନ୍ସର ବାର୍ଷିକୋତ୍ସବ

**ଭୁବନେଶ୍ୱର,୨୮।୧୨(ସିମସ):** ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିପୁଲ୍ସ ଫୋରମର ୩୩ତମ ପ୍ରତିଷ୍ଠା ଦିବସ ଓ ଅର୍ଥ ଲଗାଣକାରୀ ସଂସ୍ଥା ଅନ୍ନପୂର୍ଣ୍ଣା ଫାଇନାନ୍ସର ୧୩ତମ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ରେଳକୁଞ୍ଜ ପ୍ରେକ୍ଷାଳୟଠାରେ ଦୁଇଦିନ ବ୍ୟାପି ଆୟୋଜିତ ଏହି ଉତ୍ସବରେ ଭାରତ ବର୍ଷର ବିଭିନ୍ନ ରାଜ୍ୟରେ ଥିବା ପିପୁଲ୍ସ ଫୋରମ ଓ ଅନ୍ନପୂର୍ଣ୍ଣା ଫାଇନାନ୍ସର ଶାଖା କାର୍ଯ୍ୟାଳୟରୁ ପ୍ରାୟ ୧୭୦୦ କର୍ମଚାରୀ ଯୋଗଦେଇଥିଲେ। ଏହି ଉତ୍ସବକୁ ପିପୁଲ୍ସ ଫୋରମର ପ୍ରତିଷ୍ଠାତା ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଆସନ୍ତା ବର୍ଷରେ ଏହି ଉତ୍ସବକୁ ୧ ସପ୍ତାହ ବ୍ୟାପୀ ପାଳନ କରିବା ସହିତ ସାମାଜିକ ଆର୍ଥିକ ଅନଗ୍ରସର ଲୋକମାନଙ୍କର ନିଶ୍ଚିତ ଓ ନିରାପଦ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଓ ଦଶବର୍ଷରୁ ଉର୍ଦ୍ଧ୍ୱ କାର୍ଯ୍ୟକରିଥିବା କର୍ମଚାରୀମାନଙ୍କ ସନ୍ତାନମାନଙ୍କ ପାଇଁ ବିନା ମୂଲ୍ୟରେ ଉଚ୍ଚ ଶିକ୍ଷା ପ୍ରଦାନ କରିବା ନିମନ୍ତେ ଘୋଷଣା କରିଥିଲେ। ଏହି ଉତ୍ସବରେ ଅନ୍ନପୂର୍ଣ୍ଣା ଫାଇନାନ୍ସର ନିର୍ଦ୍ଦେଶକ ଦିବ୍ୟଜ୍ୟୋତି ପଟ୍ଟନାୟକ, ମୁଖ୍ୟ



ବିତ୍ତୀୟ ଅଧିକାରୀ ସତ୍ୟଜିତ୍ ଦାସ, ମୁଖ୍ୟ ପରିଚାଳନା ଅଧିକାରୀ ସଞ୍ଜୟ ପଟ୍ଟନାୟକ, କୋଷାଧ୍ୟକ୍ଷ ନିଶିଥ ରଞ୍ଜନ ନନ୍ଦ,ପିପୁଲ୍ସ ଫୋରମର ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ପାତ୍ର ପ୍ରମୁଖ ଯୋଗଦାନ କରି ଅନୁଷ୍ଠାନ ସମ୍ପର୍କରେ

### ପୁଣି ନୂଆ ଶିଖର ଛୁଇଁଲା ପୁଞ୍ଜିବଜାର

# ଦୌଡୁଛି ଶେୟାର ବଜାର

**ସେନ୍‌ସେକ୍ସ ୩୭୨ ହଜାର ପଏଣ୍ଟ ଟପିଲା**

**୫ ଦିନରେ ନିବେଶକ କମାଇଲେ ୧୨ ଲକ୍ଷ କୋଟି**

ମୁମ୍ବଇ,୨୮।୧୨(ଏଜେନ୍ସି):

ସରିବାକୁ ଯାଉଛି ବର୍ଷ ୨୦୨୩। ବର୍ଷ ଶେଷ ବେଳକୁ ବଜାରକୁ ମିଳିଛି ନୂଆ ଗତି। ଏଥିରେ ଦୌଡୁଛି ଘରୋଇ ପୁଞ୍ଜିବଜାର। ବଜାର କାରବାରରେ ଦୈନିକ ପ୍ରତିଷ୍ଠା ହେବାରେ ଲାଗିଛି ନୂଆ ରେକର୍ଡ। ବମ୍ବେ ବଜାର କାରବାରରେ ଲାଗି ରହିଥିବା ଉତ୍ସାହ ଧାରା ଯୋଗୁ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ) ସେନ୍‌ସେକ୍ସ ଏବେ ସର୍ବକାଳୀନ ରେକର୍ଡ ୭୨ ହଜାର ୫୦୦ ପଏଣ୍ଟ ସ୍ତର ଛୁଇଁବାକୁ ବସିଛି।

ଆସନ୍ତା ବର୍ଷ ଆମେରିକୀୟ ଫେଡେରାଲ ରିଜର୍ଭ ଏହାର ସୁଧ ହାରରେ ହ୍ରାସ ଘଟାଇବା ନେଇ ସାରା ବିଶ୍ୱରେ ଚର୍ଚ୍ଚା ଜାରି ରହିଛି। ଏହାକୁ ନେଇ ସାରା ଦୁନିଆର ନିବେଶକ ଆଶାବାଦୀ। ଏ ସମ୍ପର୍କିତ ରିପୋର୍ଟ ପ୍ରକାଶ ପାଇବା ପରେ ବିଶ୍ୱ ପୁଞ୍ଜିବଜାର କାରବାରରେ ଅଭିବୃଦ୍ଧି ଘଟିଛି, ଯାହାର ପ୍ରଭାବ ଘରୋଇ ପୁଞ୍ଜି ବଜାର ଉପରେ



ପଡିଛି। ଗୁରୁବାର କାରବାର ଶେଷ ବେଳକୁ ସେନ୍‌ସେକ୍ସରେ ୩୭୨ ପଏଣ୍ଟ ବା ୦.୫ ପ୍ରତିଶତ ବୃଦ୍ଧି ଘଟି ୭୨,୪୧୦ ପଏଣ୍ଟରେ କାରବାର ଶେଷ ହୋଇଛି। ଦିନ ଯାକର କାରବାର ମଧ୍ୟରେ ସେନ୍‌ସେକ୍ସ ସର୍ବକାଳୀନ ୭୨,୪୮୪.୩୪ ପଏଣ୍ଟରେ ପହଞ୍ଚି ୭୨,୫୦୦ ପଏଣ୍ଟ ସ୍ତର ଛୁଇଁବାକୁ ଯାଉଛି।

ସେହିପରି ଆଜି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍ଟିରେ ୧୨୪ ପଏଣ୍ଟ ବା ୦.୬ ପ୍ରତିଶତ ବୃଦ୍ଧି ଘଟି ୨୧,୭୭୯ ପଏଣ୍ଟରେ କାରବାର ବନ୍ଦ ହୋଇଛି। ଆଜିର କାରବାରରେ ବଜାରରେ ବ୍ୟାଙ୍କ, ଅଟୋ, ଶକ୍ତି ଏବଂ ଟେକ୍ ଆଦି କ୍ଷେତ୍ରର ଷ୍ଟକ୍‌ଗୁଡିକ ଦମଦାର ପ୍ରଦର୍ଶନ କରିଥିଲା। ପୁଞ୍ଜିବଜାରରେ ଏଭଳି ଉତ୍ସାହ ଯୋଗୁ କ୍ରମାଗତ ୫ ଦିନର କାରବାରରେ ନିବେଶକମାନେ ୧୨.୮୦ ଲକ୍ଷ କୋଟି ଟଙ୍କା ରୋଜଗାର କରିଛନ୍ତି। ଗତ ୫ କାରବାର ଦିବସରେ ବିଏସଇ ସେନସେକ୍ସ ୧୯୦୪.୦୭ ପଏଣ୍ଟ କିମ୍ବା ୨.୭୦ ପ୍ରତିଶତ ବୃଦ୍ଧି ପାଇଛି। ସେୟାର ବଜାରରେ ଏଭଳି ବୃଦ୍ଧି ସହିତ ବିଏସଇ ତାଲିକାଭୁକ୍ତ କମ୍ପାନୀଗୁଡିକର ବଜାର ପୁଞ୍ଜି ୧୨,୮୦,୫୫୯.୨୦ କୋଟି ଟଙ୍କାକୁ ବୃଦ୍ଧି ପାଇ ୫ ଦିନରେ ୩,୬୩,୦୦,୫୫୮.୦୭ କୋଟି ଟଙ୍କାରେ ପହଞ୍ଚିଛି।

